

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 NOVEMBER 2022

Vol.No. 33 ■ No. 303 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଭୂମିକମ୍ପରେ ଥରିଲା ଇଣ୍ଡୋନେସିଆ : ୪୮ ମୃତ, ୭ଶହରୁ ଅଧିକ ଆହତ

ନୂଆଦିଲ୍ଲୀ, ୨୧/୧୧ : ସାତ ଦିନ ନପୁରୁଣୁ ପୁଣି ଥରେ ଭୁକମ୍ପ ଝଟକାରେ ଥରିଲା ଇଣ୍ଡୋନିଆ । କେଉଁଠି ରାସ୍ତାରେ ଯାଉଥିବା ଲୋକମାନେ ଦୋହଲିଯାଇଛନ୍ତି , କେଉଁଠି ଘରଗୁଡିକ ଭାଙ୍ଗି ମାଟିରେ ମିଶିଛି । ଭୟରେ ଘରୁ ବାହାରି କିଏ କେଉଁଠି ଜୀବନ ବଂଚାଇବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରିଛନ୍ତି । କେବଳ ସେତିକି ନୁହେଁ ସ୍ଥାନେ ସ୍ଥାନେ ବିଶାଳ ଅଟାଳିକା ଭାଙ୍ଗି ରାସ୍ତା ଉପରେ ତାସ ଘର ପରି ପଡି ରହିଥିବା ଦେଖିବାକୁ ମିଳିଛି । ଭୟ, କୋହ, ଆତଙ୍କ ଭିତରେ ଫାଟିପଡୁଛି ଜାଭା ଓ ଜାକାର୍ତା । ୨୭କୋଟି ଜନସଂଖ୍ୟା ବିଶିଷ୍ଟ ଇଣ୍ଡୋନେସିଆରେ ଅଧିକାଂଶ ସମୟରେ ଶକ୍ତିଶାଳୀ ଭୁକମ୍ପ ଝଟକା

ଅନୁଭୂତ ହୋଇଥାଏ । ଜ୍ୱାଳାମୁଖୀ ବିସ୍ଫୋରଣ ଓ ସୁନାମୀ ପାଇଁ ମଧ୍ୟ ଏହି ଦେଶକୁ ପ୍ରଭାବିତ କରୁଛି । ସୋମବାର ମଧ୍ୟାହ୍ନରେ ହଠାତ ବଡ ଧରଣର ଭୁକମ୍ପ ଝଟକାରେ ଥରି ଉଠିଛି ଜାଭା ଦ୍ୱୀପ ସହ ଇଣ୍ଡୋନେସିଆର ବିଭିନ୍ନ ସ୍ଥାନ । ମଧ୍ୟାହ୍ନରେ ଜାଭା ଦ୍ୱୀପର ସିଆନଜୁଂରେ ଆସିଥିବା ଭୁକମ୍ପର ରେକ୍ଟର ସ୍କେଲରେ ୫,୬ ତ୍ରୀବତା ରେକର୍ଡ କରାଯାଇଛି । ରାଜଧାନୀ ଜାକାର୍ତାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୭୫କିମି ଦୂରରେ ଭୁକମ୍ପସ୍ଥଳୀ ଥିବା ସୂଚନା ରହିଛି । ତେବେ ସୁନାମୀର କୌଣସି ଆଶଙ୍କା ନଥିବା ଇଣ୍ଡୋନେସିଆ ଭୁବିଜ୍ଞାନୀ ସୂଚନା ଦେଇଛନ୍ତି । ନଭେମ୍ବର ୧୭ ତାରିଖରେ ଇଣ୍ଡୋନେସିଆର ବାଲିରେ ଭୁକମ୍ପ ଅନୁଭତ ହୋଇଥିଲା । ରେକ୍ଟର ସ୍କେଲରେ ଏହା ତ୍ରୀବତା ଥିଲା ୩.୮ । ଭୁକମ୍ପ ଝଟକାରେ ବାଲି ସମେତ ମାତଲମ, ଲୋମ୍ବୋକ, ନୁସା ତେଙ୍ଗାରା ଓ ଇଣ୍ଡୋନେସିଆ ସବୁଠୁ ଅଧିକ କ୍ଷୟକ୍ଷତି ହୋଇଥିଲା । ଏହି ଭୁକମ୍ପରେ ଏବେ ସୁଦ୍ଧା ୫୦ରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ଶହରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି । ତେବେ ଏହି ବଡ ଧରଣର କ୍ଷୟକ୍ଷତିରେ ଆଗକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି । ଭଙ୍ଗା ଅଟାଳିକା ତଳେ ଅନେକ ଲୋକ ଫଶି ରହିଥିବାବେଳେ ରେସ୍କ୍ୟୁ ଅପରେସନ ଜାରି ରହିଛି ।

କୋରେଇରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା : ୩ ମୃତ, ୪ରୁ ଅଧିକ ଆହତ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଯାଜପୁର କୋରେଇ ମାଲବାହୀ ଟ୍ରେନ ଦୁର୍ଘଟଣା ସମସ୍ତଙ୍କୁ କିଛି ସମୟ ପାଇଁ ସ୍ତବ୍ଧ କରିଦେଇଛି । ଦ୍ରୁତ ବେଗରେ ଯାଉଥିବା ମାଲଗାଡି ଟ୍ରେନର ହଠାତ୍ ୮ଟି ବଗି ଲାଇନଚ୍ୟୁତ ହୋଇ ପ୍ଲାଟ୍ଫର୍ମ ଓ ଟିକେଟ୍ କାଉଣ୍ଟର ଉପରକୁ ମାଡି ଯାଇଛି, ଆଉ ଆଖି ପିଛୁଳାକେ ଚାଲିଯାଇଛି ୩ଜଣଙ୍କ ଜୀବନ । ଆଜି ସକାଳ ୬ଟା ୪୪ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ତେବେ କିଭଳି ଓ କାହିଁକି ଏତେ ବଡ ଦୁର୍ଘଟଣା ଘଟିଲା, ଏହାର କାରଣ ଖୋଜିବାକୁ ଘଟଣାସ୍ଥଳରେ ପହଞ୍ଚିଛି ତଦନ୍ତକାରୀ ଟିମ୍ । ଭୁବନେଶ୍ୱର ଅଭିମୁଖେ ମାଡ଼ି ଆସୁଥିଲା ମାଲବାହୀ ଟ୍ରେନ । ହଠାତ୍ ଟ୍ରେନରୁ ଛିଡ଼ି ପଡିଥିଲା ୮ଟି ବଗି । ପ୍ରଚଣ୍ଡ

ବିସ୍ଫୋରଣରେ କମ୍ପି ଉଠିଥିଲା ପୂରା ଅଞ୍ଚଳ । ଆଉ ତା'ପରର ଦୃଶ୍ୟ ଥିଲା ଛାତି ଥରାଇ ଦେବା ଭଳି । ଇଞ୍ଜିନ ସହ ଲାଗିଥିବା କିଛି ବଗି ଆଗକୁ ଚାଲି ଯାଇଥିବା ବେଳେ ଲାଇନଚ୍ୟୁତ ହୋଇଥିବା ବଗି ଉପରକୁ ଉଠି ପ୍ଲାଟଫର୍ମ ଆଡକୁ ମାଡ଼ି ଯାଇଥିଲା । ପ୍ରତ୍ୟକ୍ଷଦର୍ଶୀ ଯାହା କହିଛନ୍ତି, ତାହା ହୋସ ଉଡାଇଦେବା ଭଳି । ୫୪ଟି ବଗି ଧରି ଯେତିକି ଦ୍ରୁତ ଗତିରେ ଟ୍ରେନ ଆସୁଥିଲା, ସେତିକି ସ୍ପିଡରେ ଉପରକୁ ଉଠି ଯାଇଥିଲା ଲାଇନଚ୍ୟୁତ ହୋଇଥିବା ୮ଟି ବଗି । ଫୁଟ ଓଭର ବ୍ରିଜ, ଟିକେଟ କାଉଣ୍ଟର ଉପରେ ଚଢ଼ିଯାଇଥିଲା ଏବଂ ଯାତ୍ରୀ ବିଶ୍ରାମାଗାର ଉପରେ ମାଡ଼ିଯାଇଥିଲା । ଆଉ କିଛି ସମୟ ଭିତରେ ଡିଏମୟୁ ଆସି ଲାଗିଥାନ୍ତା ପ୍ଲାଟଫର୍ମରେ । ସକାଳୁ ସକାଳୁ ଯାତ୍ରୀମାନେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରିଥିଲେ । ▶▶ପୃଷ୍ଠା ୭

କୋରାଇ ଟ୍ରେନ୍ ଦୁର୍ଘଟଣା, ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କଲା ପୂର୍ବତଟ ରେଳବାଇ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ରେଳ ଷ୍ଟେସନରେ ଭୟଙ୍କର ଟ୍ରେନ ଦୁର୍ଘଟଣା । ପରେ ରେଳବାଇ ପକ୍ଷରୁ ଜାରି କରାଯାଇଛି ଜରୁରୀକାଳୀନ ହେଲ୍ପଲାଇନ ନମ୍ବର । କୋରାଇ ରେଳ ଷ୍ଟେସନ ପାଇଁ ୮୪୫୫୮୮୯୯୦୫ ନମ୍ବର ଜାରି କରାଯାଇଥିବାବେଳେ ଭୁବନେଶ୍ୱର ଷ୍ଟେସନ ପାଇଁ ୦୬୭୪-୨୫୩୪୦୨୦, ୦୬୭୪-୨୫୩୪୦୨୭ ଓ ଖୋର୍ଦ୍ଧା ରୋଡ୍ କଣ୍ଟ୍ରୋଲ ରୁମ୍ ପାଇଁ ୦୬୭୪-୨୪୯୨୨୪୫ ନମ୍ବର ଜାରି କରାଯାଇଛି ।

ଆନ୍ଦୋଳନକୁ ଓହ୍ଲାଇଲେ ଅଙ୍ଗନବାଡି କର୍ମୀ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଆନ୍ଦୋଳନରେ ସାମିଲ ହେବା ପାଇଁ ସରକାରଙ୍କ ନିର୍ଦ୍ଦେଶନାମାଙ୍କୁ ନ ମାନି ଭୁବନେଶ୍ୱରର ଲୋୟର ପିଏମଜିରେ ଏକାଠି ହୋଇଛନ୍ତି ହଜାର ହଜାର ଅଙ୍ଗନୱାଡି କର୍ମୀ । ଆଉ ବିଭିନ୍ନ ଦାବି ପୂରଣ ପାଇଁ କରିଛନ୍ତି ନାରାବାଜି । ୮ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି ଅଙ୍ଗନୱାଡି କର୍ମୀ । ▶▶ପୃଷ୍ଠା ୭

ନିର୍ବାଚନ ପ୍ରଚାରରେ ଉଠୁଛି ପଡୁଛି ଗୁଜରାଟ

ନୂଆଦିଲ୍ଲୀ, ୨୧/୧୧ : ବିଧାନସଭା ନିର୍ବାଚନ ପାଇଁ ସୋମବାର ଗୁଜରାଟରେ ପହଁଚିଛନ୍ତି ବିଜେପି ଓ କଂଗ୍ରେସର ଷ୍ଟାର ପ୍ରଚାରକ । ଗୁଜରାଟର ୩ଟି ସ୍ଥାନରେ ପହଁଚି ଜନସଭା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେପଟେ ଭାରତ ଯୋଡ ଯାତ୍ରାରୁ କିଛି ସମୟର ବିରତି ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି । ସୁରେନ୍ଦ୍ର ନଗରରେ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ୩ବର୍ଷ ପୁରୁଣା କଂଗ୍ରେସର ବୟାନକୁ ଉଠାଇ ତେରଛା ବାଣ ମାରିଛନ୍ତି । ମୋଦି କହିଛନ୍ତି ବିରୋଧୀ ତାଙ୍କୁ ଔକାତ ଦେଖାଇବା କଥା କହୁଛନ୍ତି । କିନ୍ତୁ ମୋଦି କହିଛନ୍ତି ସେ ହେଉଛନ୍ତି ଦେଶର ସେବକ ଓ ତାଙ୍କର କୌଣସି ଔକାତ ନାହିଁ । ଅହଂକାରୀ ଦଳ ଗୁଡିକ ତାଙ୍କୁ କେବେ ମୃତ୍ୟୁର ସୌଦାଗର କୁହନ୍ତି ତ ପୁଣି କେତେବେଳେ ଅସନା ନାଳିର ପୋକ ବୋଲି ସମ୍ବୋଧିତ କରନ୍ତି ।

ତେବେ ସବୁ ଭିତରେ ୧୩୦କୋଟି ଜନତାଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ରହିଥିବା ଜନସଭାରେ କହିଛନ୍ତି ପ୍ରଧାନମନ୍ତ୍ରୀ । ଏଥିସହ ସେ କହିଛନ୍ତି କି ରାଜ୍ୟବାସୀଙ୍କ ଦ୍ୱାରା ହିଁ ରାଜ୍ୟର ବିକାଶ ସମ୍ଭବ । ଦେଶର ଉଜ୍ଜଳ ଭବିଷ୍ୟତ ଦେଶବାସୀଙ୍କ ବିକାଶ ସହ ଜଡିତ । ସେପଟେ ପ୍ରଥମ ଥର ପାଇଁ ପ୍ରଚାରମଇଦାନକୁ ଓହ୍ଲାଇଥିବା ରାହୁଲ ଆଦିବାସୀ ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଆଦିବାସୀଙ୍କ ଜମି ଛଡାଇନେଇ ମୋଦି ସରକାର ତାଙ୍କର ବିତଶାଳୀ ଶିଳ୍ପପତିଙ୍କୁ ଦେଉଥିବା ରାହୁଲ କହିଛନ୍ତି । ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ । ଡିସେମ୍ବର ୧ ଓ ୫ ତାରିଖ ଦୁଇଟି ପର୍ଯ୍ୟାୟରେ ହେବ ମତଦାନ ଓ ୭ ତାରିଖରେ ଉଭୟ ହିମାଚଳ ଏବଂ ଗୁଜରାଟ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ।

ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ପାଂଚ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କଲେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋରେଇ ଠାରେ ପଣ୍ୟବାହୀ ଟ୍ରେନ ଦୁର୍ଘଟଣାରେ ଦୁଃଖ ବ୍ୟକ୍ତ କରିବା ସହ ମୃତାହତଙ୍କ ପରିବାର ପାଇଁ ରେଳବାଇ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କୋରେଇ ଠାରେ ପଣ୍ୟବାହୀ ଟ୍ରେନ ଦୁର୍ଘଟଣା ଯୋଗୁଁ ମୃତାହତ ହୋଇଥିବା ବ୍ୟକ୍ତିମାନଙ୍କ ପ୍ରତି ଗଭୀର ଦୁଃଖ ପ୍ରକାଶ କରୁଛି ଓ ମୃତ ବ୍ୟକ୍ତି ମାନଙ୍କ ପରିବାର ସଦସ୍ୟ ମାନଙ୍କୁ ପାଂଚ ଲକ୍ଷ, ଗୁରୁତର ଆହତ ମାନଙ୍କୁ ଏକ ଲକ୍ଷ ଏବଂ ସାମାନ୍ୟ ଆହତ ବ୍ୟକ୍ତି ମାନଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରୁଛି ।

ନୂଆ ରୂପ ପାଇବ ପୁରୀର ଲୋକନାଥ ମନ୍ଦିର ଓ ବ୍ରହ୍ମଗିରିର ଅଲାରନାଥ ପୀଠ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀର ଶ୍ରୀ ଲୋକନାଥ ମନ୍ଦିର ଓ ବ୍ରହ୍ମଗିରିର ଅଲାରନାଥ ପୀଠର ଉନ୍ନତି ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନକୁ ଅନୁମୋଦନ କରିଛନ୍ତି । ଶ୍ରୀ ଲୋକନାଥ ମନ୍ଦିରର ବିକାଶ ପାଇଁ ୨୮ କୋଟି ଟଙ୍କା ଅଟକଳ ରଖାଯାଇଥିବା ବେଳେ, ଅଲାରନାଥଙ୍କ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ଉଭୟ ମନ୍ଦିରର ପୁନଃ-ଉନ୍ନୟନ କାର୍ଯ୍ୟ ୧ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବ । ଶ୍ରୀ ଲୋକନାଥ ମନ୍ଦିର ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶୈବପୀଠ । ପୁରାଣ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ମାତା ସୀତାଙ୍କ ଅନ୍ୱେଷଣରେ ଆସି ଏଠାରେ ପ୍ରଭୁ ଲୋକନାଥ ସ୍ଥାପନା କରି ପୂଜାଅର୍ଚ୍ଚନା କରିଥିଲେ । ଶ୍ରୀ ଲୋକନାଥଙ୍କୁ ଜଗନ୍ନାଥ ମନ୍ଦିରର

ରତ୍ନଭଣ୍ଡାରର ରକ୍ଷକ ବୋଲି ବିଶ୍ୱାସ ରହିଛି । ଶ୍ରୀ ଲୋକନାଥ ମନ୍ଦିରର ମାଷ୍ଟରପ୍ଲାନ ଅନୁଯାୟୀ ମନ୍ଦିରର ଭିତର ବେଢା, ବାହାର ବେଢାର ଉନ୍ନତିକରଣ ହେବା ସହିତ ସେବାୟତ ଓ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ସୁବିଧାର ବ୍ୟବସ୍ଥା କରାଯିବ । ଏହାବ୍ୟତୀତ ପାର୍କିଂ, ଆଧୁନିକ ଧାଡି ପରିଚଳନା ବ୍ୟବସ୍ଥା, ଆପ୍ରୋଚ ରୋଡର ଉନ୍ନତିକରଣ ଏବଂ ପଶ୍ଚିମ ଦ୍ୱାରରେ ସେବାୟତ ମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ । ଭିତର ବେଢାରେ ପୁରୁଣା ମାର୍ବଲ ପଥର ସବୁ କଢାଯାଇ ଖଣ୍ଡାଲାଇଟ୍ସ ପଥର ଲଗାଯିବ । ମନ୍ଦିରର ବଗିଚାର ଉନ୍ନତିକରଣ କରାଯାଇ ଲ୍ୟାଣ୍ଡ ସ୍କେପିଂ କରାଯିବ । ଏହାଛଡା ମନ୍ଦିର ପାଚେରୀର ମରାମତି ସହିତ ଆଲୋକୀକରଣର ବ୍ୟବସ୍ଥା କରାଯିବ । ▶▶ପୃଷ୍ଠା ୭

ବିଧାନସଭାରୁ ହଟିଲା କରୋନା କଟକଣା

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଦୀର୍ଘ ୩ ବର୍ଷ ପରେ ଓଡିଶା ବିଧାନସଭାରୁ କୋଭିଡ କଟକଣା ହଟିଛି । ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ଶୀତ ଅଧିବେଶନ ସ୍ୱାଭାବିକ ଭାବେ ଚାଲିବ । ପୂର୍ବ ଭଳି ବିଧାୟକମାନେ ନିଜ ନିଜ ଆସନରେ ବସିବେ । ପ୍ରେସ ଗ୍ୟାଲେରିକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ଅନୁମତି ମଧ୍ୟ ମିଳିବ । ପୂର୍ଣ୍ଣ କ୍ଷମତାରେ ଗୃହକାର୍ଯ୍ୟ ଚାଲିବ । ଶୀତ ଅଧିବେଶନକୁ ସୁରୁଖୁରୁରେ ଚଲାଇବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବିଧାନସଭାରେ ଲାଗୁ ହୋଇଥିବା କୋଭିଡ କଟକଣା ହଟିଛି । କିନ୍ତୁ ବିଧାୟକ ଚାହିଁଲେ ଭିଡିଓ କନଫରେନ୍ସିଂ ଜରିଆରେ ଗୃହକାର୍ଯ୍ୟରେ ସାମିଲ ହୋଇପାରିବେ । ଏଥି ପାଇଁ ବିଧାୟକଙ୍କୁ ପୂର୍ବରୁ ଲିଖିତ ଭାବେ ଜଣାଇବାକୁ ପଡିବ । ବିଚାର ବିମର୍ଶ କରିବା ପରେ ଏଭଳି ନିଷ୍ପତି ନିଆଯାଇଥିବା କହିଛନ୍ତି ବାଚସ୍ପତି । ଯାହାକୁ ତୀବ୍ର ବିରୋଧ କରିଛି ବିଜେପି । ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି ମୁଖ୍ୟମନ୍ତ୍ରୀ ବିଧାନସଭାକୁ ନ ଆସିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୪ ତାରିଖରେ ଆରମ୍ଭ ହେଉଛି ଶୀତକାଳୀନ ଅଧିବେଶନ ଯାହା ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବା କାର୍ଯ୍ୟକ୍ରମ ରହିଛି ।

ସ୍ୱର୍ଗତଃ ହରେକୃଷ୍ଣ ମହତାବ ଥିଲେ ଓଡ଼ିଆ ଜାତିର ଆଲୋକ ବର୍ତ୍ତିକା ଓ ନବ ଉତ୍କଳର ନିର୍ମାତା

ବାଲେଶ୍ୱର, ୨୧/୧୧ (ନି.ପ୍ର): ସ୍ଥାନୀୟ ପିଡବ୍ଲ୍ୟୁଡି ଡାକବଙ୍ଗଳାରେ ସ୍ୱର୍ଗତଃ ହରେକୃଷ୍ଣ ମହତାବଙ୍କର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପୂଜ୍ୟ ପୂଜା ସଂସଦର ସମ୍ପାଦିକା ଅପର୍ଣ୍ଣା ମହାପାତ୍ର ପ୍ରାକ୍ ସୂଚନା ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି ମହତାବ ଜୟନ୍ତୀ ସମ୍ପର୍କରେ ଓ ଏହାର ଆଭିମୁଖ୍ୟ ବିଷରେ ଆଲୋକପାତ କରି କହିଥିଲେ ଯେ, ସ୍ୱର୍ଗତଃ ମହତାବ ଥିଲେ ଅଭିବ୍ୟକ୍ତ ଭଦ୍ରକ-ବାଲେଶ୍ୱର ଜିଲ୍ଲାର ସେତୁ ସଦସ୍ୟ । ତାଙ୍କର ରାଜନୈତିକ, ସାମ୍ବାଦିକ ଓ ସାହିତ୍ୟିକ କାର୍ଯ୍ୟକଳାପ ପ୍ରଥମେ ଏହିଠାରୁ ହିଁ ଆରମ୍ଭ ହୋଇଥିଲେ । ସେହିଭଳି ମୁଖ୍ୟ ଅତିଥି ଭାବେ ରେବତୀର ସମ୍ପାଦିକା ଓ ସମାଜସେବୀ ସୁବାସିନୀ ଜେନା ଓ ସମ୍ମାନିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ସାମ୍ବାଦିକ କବି ଓ ସମୟର ସାମ୍ବାଦିକ ରଞ୍ଜନ ବାଗ, ବରିଷ୍ଠ ଓକିଲ ପୁରୁଷୋତ୍ତମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା । ଅତିଥିମାନେ ଭାଷଣରେ କହିଥିଲେ ଯେ, ଡ. ହରେକୃଷ୍ଣ ମହତାବ ଥିଲେ ଓଡ଼ିଆ ଜାତିର ଆଲୋକ ବର୍ତ୍ତିକା ଓ ନବ ଉତ୍କଳର ନିର୍ମାତା । ଜନମାନସର କର୍ଣ୍ଣଧାର, ନୂଆ ଓଡ଼ିଶାର ନିର୍ମାତା, ସର୍ବୋପରି ଜଣେ ସାହିତ୍ୟିକ ଓ ସାମ୍ବାଦିକ ସହ ଜରେ ପୂର୍ଣ୍ଣଙ୍ଗ ମଣିଷ ଥିଲେ । ସ୍ୱର୍ଗତଃ ମହତାବଙ୍କୁ ଯେଉଁ ସମ୍ମାନ ଦେବା କଥା ଆଜିପର୍ଯ୍ୟନ୍ତ ଆମ୍ଭେମାନେ ତାହା ଦେଇପାରିନାହୁଁ । ଏପର୍ଯ୍ୟନ୍ତ ଆମେ ତାଙ୍କର ଅବୟବକୁ କୌଣସି ସ୍ଥାନରେ ସ୍ଥାନିତ କରିପାରିଲୁ ନାହିଁ । ସେହିପରି ସରଣୀରେ ତାଙ୍କ ନାମରେ ମାର୍ଗଦର୍ଶିକା ଫଳକ ରଖିପାରିନାହୁଁ । ତେଣୁ ଖୁବ୍‌ଶୀଘ୍ର ପୂର୍ତ୍ତବିଭାଗ ଓ ପୌରପାଳିକା ଏ ବିଷୟରେ ଦୃଷ୍ଟି ଦେବାକୁ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ ଏବଂ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ବକ୍ତାମାନେ ମତପୋଷଣ କରିଥିଲେ । ଶେଷରେ ସାମ୍ବାଦିକ ମନୋଜ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ମହିଳାମାନେ ଯୋଗ ଦେଇଥିଲେ ।

ଡେମୋଗ୍ରାଫିକ ଡିଭାଇଡେଣ୍ଡର ଲାଭ ଉଠାଇବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ହେବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଡେମୋଗ୍ରାଫିକ ଡିଭାଇଡେଣ୍ଡର ଲାଭ ଉଠାଇବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ହେବ । ସବୁପ୍ରକାର ପରମ୍ପରାଗତ, ଅଣପରମ୍ପରାଗତ ଏବଂ ଅଭିଜ୍ଞତା ଆଧାରିତ ଜ୍ଞାନ ଭଣ୍ଡାରର ଚିହ୍ନଟ, ମୂଲ୍ୟାଙ୍କନ ଏବଂ ଔପଚାରିକ ଭାବେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ । ସୋମବାର ଆଇଆଇଟି ଦିଲ୍ଲୀ ଠାରେ ନ୍ୟାସନାଲ କ୍ରେଡିଟ୍ ଫ୍ରେମୱାର୍କ(ଏନସିଆରଏଫ)ର

ଖସଡା ଉପରେ 'ଷ୍ଟେକହୋଲଡର ପରାମର୍ଶ'ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉଦବୋଧନ ଦେଇଛନ୍ତି ଯେ ଜ୍ଞାନ, କୌଶଳ ଓ ରୋଜଗାର ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂର କରିବା ପାଇଁ ଜାତୀୟ ଶିକ୍ଷା ନୀତିର କ୍ରେଡିଟ୍ ଫ୍ରେମୱାର୍କ ଏକ ବିଶ୍ୱସ୍ତରୀୟ କଳ୍ପନା । ଏନସିଆରଏଫ ଆମକୁ ଜ୍ଞାନ ଏବଂ କୌଶଳର ବିଭିନ୍ନ ଦିଗକୁ ଚିହ୍ନଟ କରିବା ପାଇଁ ସୁଯୋଗ ପ୍ରଦାନ କରିବ । ଜୀବନବ୍ୟାପୀ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ନୂଆ ସମ୍ଭାବନା ▶▶ପୃଷ୍ଠା ୭

ବାଣପୁରର ମା' ଭାଗବତୀ ମନ୍ଦିର ପରିଦର୍ଶନ କଲେ ୫ଟି ସଚିବ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ୫ଟି ସଚିବ ଭି.କେ ପାଣ୍ଡିଆନ୍ ଆଜି ପ୍ରସିଦ୍ଧ ବାଣପୁରର ମା ଭାଗବତୀ ମନ୍ଦିର ପରିଦର୍ଶନ କରିଥିବା ଜଣାଯାଇଛି । ଏହାର ବିକାଶ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉଛି ବୋଲି ସେ ମନ୍ଦିରର ପୂଜକ ଓ କର୍ମକର୍ତ୍ତାମାନଙ୍କୁ ସୂଚନା ଦେଇଛନ୍ତି ।

ଆଜି ଭୋର ସମୟରେ ବାଣପୁରର ମା ମନ୍ଦିରର ଭାଗବତୀ ମନ୍ଦିରରେ ପହଞ୍ଚି ୫ଟି ସଚିବ ମାଙ୍କ ଆଶୀର୍ବାଦ ନେଇଥିଲେ । ସେବାୟତ, ବାଣପୁର ଅଞ୍ଚଳବାସୀ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । ରାଜ୍ୟ ସରକାର ମା ଭାଗବତୀ ମନ୍ଦିରର ଉନ୍ନତିକରଣକୁ ଗୁରୁତ୍ୱ ଦେଉଛନ୍ତି । ଏହାର କାୟାକଳ୍ପ କରାଯିବ । ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ପାର୍କିଂ ବ୍ୟବସ୍ଥା, ପାଚେରୀ, ଭୋଜନାଳୟକୁ ବି ନୂଆରୂପ ଦିଆଯିବ । ସେହିପରି ଦୋଳବେଦୀ ଛକରୁ ମନ୍ଦିର ଯାଏ ରାସ୍ତାର ପ୍ରଶସ୍ତିକରଣ ହେବ । ଏହାସହ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି ସରକାର । ୫ଟି ସଚିବ ଭି.କେ ପାଣ୍ଡିଆନଙ୍କ ମା ଭାଗବତୀ ମନ୍ଦିର ପରିଦର୍ଶନ ପରେ ସେବାୟତମାନେ ଉତ୍ସାହିତ ଥିବା ଜଣାଯାଇଛି ।

ସପ୍ତାହେ ହେଲା ଅନ୍ଧାରରେ ୨୦ ସ୍ମାର୍ଟ ହାଇସ୍କୁଲ



ଜଗତସିଂହପୁର, ୨୧/୧୧ (ନି.ପ୍ର): ଜଗତ୍‌ସିଂହପୁର ଜିଲ୍ଲାରେ ଥିବା ୨୫୩ ସ୍ମାର୍ଟ ହାଇସ୍କୁଲ ମଧ୍ୟରୁ ୨୦ଟି ଏବେ ଅନ୍ଧାରରେ ରହିଛି । ଏହି ସ୍କୁଲ୍ ଗୁଡ଼ିକରେ ବିଦ୍ୟୁତ୍ ସେବା ନାହିଁ । ସେଥିପାଇଁ ଛାତ୍ରଛାତ୍ରୀମାନେ ସ୍ମାର୍ଟ ଏବଂ ଇ-କ୍ଲାସ୍‌ର ଫାଇଦାରୁ ବଞ୍ଚିତ ହେଉଛନ୍ତି । ସପ୍ତାହେ ହେଲା ଏହି ସ୍କୁଲଗୁଡ଼ିକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ଏ ଦିଗରେ କିଛି ବି ପଦକ୍ଷେପ ନେଇ ନାହାନ୍ତି । କେଉଁଠି ସ୍କୁଲରେ ଲାଗିଥିବା ପ୍ରି-ପ୍ରେଡ୍ ବିଜୁଳି ମିଟରର ଯୋଗୁଁ ଏମିତି ସମସ୍ୟା ସୃଷ୍ଟି ହେଉଛି ତ ଆଉ କେତେକଙ୍କ ପାଖରେ ବିଦ୍ୟୁତ୍ ବିଲ୍ ଦେବା ପାଇଁ ଆବଶ୍ୟକ ପାଣ୍ଠି ନାହିଁ । ପ୍ରକାରାନ୍ତରେ ଛାତ୍ରଛାତ୍ରୀମାନେ ଅନ୍ଧାରରେ ଦିନ କାଟୁଛନ୍ତି । ସୂଚନା ମୁତାବକ, ପ୍ରଥମ ଦଫାରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ୨୦ଟି ହାଇସ୍କୁଲରେ ପ୍ରି-ପ୍ରେଡ୍ ବିଜୁଳି ମିଟର ଲାଗିଛି । ନିୟମ ମୁତାବକ ଏହି ମିଟର ଲାଗିଥିବା ଉପଭୋକ୍ତା ସମ୍ପୃକ୍ତ ସଂସ୍ଥାଠାରୁ ଅଗ୍ରୀମ ବିଦ୍ୟୁତ୍ କିଣିବାକୁ ପଡୁଛି । ଏହି ବିଦ୍ୟୁତ୍ ସେବା ଶେଷ ହୋଇ ଗଲେ ଉପଭୋକ୍ତାଙ୍କ ମୋବାଇଲକୁ ମେସେଜ୍ ଆସେ । ଯଦି ଏହି ସତର୍କ ମେସେଜ୍ ଆସିବା ପରେ ମଧ୍ୟ ଉପଭୋକ୍ତା ବିଦ୍ୟୁତ୍ ବିଲ୍ ଅଗ୍ରୀମ ପୈଠ ନକଲେ ସେମାନଙ୍କ ସଂଯୋଗ ଆପଣାଛାଏ କଟିଯାଏ । ମାତ୍ର ଏହି ପ୍ରି-ପେଡ୍ ବିଦ୍ୟୁତ୍ ମିଟର ହିଁ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଇଁ ସମସ୍ୟା ପାଲଟିଛି । ଟିପିସିଓଡିଏଲ୍ ପକ୍ଷରୁ କୁହାଯାଉଛି ଯେ, ବିଜୁଳି ସେବା କଟିବା ପୂର୍ବରୁ ପ୍ରଧାନଶିକ୍ଷକ କିମ୍ବା ସ୍କୁଲ ପରିଚାଳନା କମିଟି ନିକଟକୁ ମୋବାଇଲକୁ ମେସେଜ୍ ଯାଏ । ଏହାପରେ ଯଦି ସେମାନେ ବ୍ୟବସ୍ଥା ନ କରନ୍ତି, ତେବେ ଆପଣାଛାଏଁ ସେବାରୁ ବଞ୍ଚିତ ହେବେ । ଏଥିରେ କମ୍ପାନିର କୌଣସି ଭୂମିକା ନାହିଁ । ଅଧିକାଂଶ ସ୍କୁଲର ପ୍ରଧାନଶିକ୍ଷକ ମୋବାଇଲ ନମ୍ବର ପରିବର୍ତ୍ତନ କରୁଥିବା ବେଳେ ଆଉ କେତେକଙ୍କର ଅନ୍ୟ ସ୍କୁଲକୁ ବଦଳି ହୋଇଯାଉଛି । ଏଣୁ ସେମାନେ ଏହି ମେସେଜ ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ତେଣୁ ଏପରି ସମସ୍ୟା ସୃଷ୍ଟି ହେଉଛି । ବାକି ସ୍କୁଲ ଗୁଡ଼ିକ ନିକଟରେ ବିଜୁଳି କିଣିବା ପାଇଁ ଆବଶ୍ୟକୀୟ ପାଣ୍ଠି ନଥିବା ଅଭିଯୋଗ ହେଉଛି । ନାଉଗାଁ ବ୍ଲକ୍ ରୋହିଆ ହାଇସ୍କୁଲରେ ସପ୍ତାହେ ହେବ ବିଜୁଳି ସଂଯୋଗ ନାହିଁ । ଏହି ସ୍କୁଲର ପରିଚାଳନା କମିଟି ନଥିବାରୁ ବିଜୁଳି ସଂଯୋଗ ନେଇ କୌଣସି ନିଷ୍ପତ୍ତି ନିଆଯାଇପାରୁ ନାହିଁ । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କୁହନ୍ତି ଯେ, ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ସ୍କୁଲ ଗୁଡ଼ିକର ବିଦ୍ୟୁତ୍ ସେବା ବିଲ୍ ପୈଠ ପାଇଁ ପ୍ରଥମ ଦଫାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଆସିଛି । ଅଧିକ ଅନୁଦାନ ପାଇଁ ବିଭାଗକୁ ଚିଠି କରାଯାଇଛି ।

ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ କଲା ଶିଶୁ ସମାଚାର

ପୁରୀ, ୨୧/୧୧ (ନି.ପ୍ର): ଶିଶୁ ସମାଚାର ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ସୁଖଲତା ବାଳିକା ବିଦ୍ୟାଳୟ ରେ ପାଳିତ ହୋଇ ଯାଇଛି । ଏଥିରେ ଶରତ କୁମାର ରାୟଗୁରୁ ସଭାପତିତ୍ୱ କରିଥିଲେ । ଶିଶୁ ସମାଚାର ର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ମାନଙ୍କୁ ସ୍ୱାଗତ କରି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପ ଜିଲ୍ଲାପାଳ ଭବ ତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ସମାଚାର ଶିଶୁ ମାନଙ୍କ ଅଧିକାର ସମ୍ପର୍କିତ ଆଲୋଚନା କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା କୁ ବିକାଶ କରୁଥିବାରୁ ପ୍ରଂଶସା କରିବା ସହ ଶିଶୁ ମାନେ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଶିଶୁ ଅଧିକାର ର ସମସ୍ତ ଦିଗ ଓ ଆଇନି ସମ୍ପର୍କ ରେ ଶିଶୁ ଙ୍କୁ ଅବଗତ କରାଇଥିଲେ । ଅନ୍ୟତମ ଅତିଥି ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ଓ ଶିଶୁ ପ୍ରତିଭା ଆସ୍ତା ରଥ ଅଧିକାର ସହ କର୍ତବ୍ୟ ସମ୍ପର୍କ ରେ ସୂଚନା ଦେଇଥିଲେ ।

ଟ୍ରାନସଜେଣ୍ଡର ଦିବସ ପାଳିତ

ପୁରୀ, ୨୧/୧୧ (ନି.ପ୍ର): ବିଶ୍ୱ ଟ୍ରାନ୍‌ସଜେଣ୍ଡର ସ୍ମୃତି ଦିବସ ନଭେମ୍ବର ୨୦ ତାରିଖରେ ପାଳିତ ହୋଇଯାଇଛି । ପୁରୀଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ଦି ବେଲ ଓ ସାମାଜିକ ଅନୁଷ୍ଠାନ ସାଥୀ ପକ୍ଷରୁ ନୀଳାଚଳ ଅର୍ବାନହାଟ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସମର୍ଥ ବର୍ମା, ଦିବଂଗତ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସାମାଜିକ ସୁରକ୍ଷା , ଭିନ୍ନକ୍ଷମ ସଶକ୍ତିକରଣ ପକ୍ଷରୁ ସ୍ୱୀକୃତି ଯୋଜନା ଶୁଭାରମ୍ଭ କରିଥିଲେ । କିନ୍ନରମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପୁରୀରେ ଓଡ଼ିଶାରେ ପ୍ରଥମ ଆଶ୍ରୟସ୍ଥଳ ନିର୍ମାଣ କରାଯିବ । ପୁରୀ ଜିଲ୍ଲାର ଟ୍ରାନ୍‌ସଜେଣ୍ଡର ମାନଙ୍କୁ ଜୀବନ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, କିନ୍ନର ସଂଘର ସଭାପତି ଦେବକୀ କିନ୍ନର, ସଂପାଦିକା ପୂଜା କିନ୍ନର, ସନ୍ତୋଷ ଜେନା, ଦି ବେଲର ଆବାହକ ସିଦ୍ଧାର୍ଥ ରାୟ, ସାଥୀ ଅନୁଷ୍ଠାନର ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, କିନ୍ନର ମାନଙ୍କ ଅଭାବ, ଅସୁବିଧା ଓ ସାମାଜିକ ତାରତମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶର୍ମିଷ୍ଠା ଦାସ, ବ୍ଲାକ୍ କୁଇନ, ରଶ୍ମି, ସୁପ୍ରିତି ନାୟକ, ଟିକିନା ପ୍ରଧାନ, ପିହୁ, ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି ଏବଂ ଅମର ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆନ୍ତଃ ମହାବିଦ୍ୟାଳୟ ଖୋ- ଖୋ ପ୍ରତିଯୋଗିତା

ନିଗମାନନ୍ଦ ମହିଳା ମହାବିଦ୍ୟାଳୟକୁ ହରାଇ ଭୁବନ ଚାମ୍ପିଅନ

ଭୁବନ, ୨୧/୧୧ (ନି.ପ୍ର): ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଖେଳ ପଡିଆରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ଆନ୍ତଃ ମହାବିଦ୍ୟାଳୟ ଖୋ–ଖୋ ପ୍ରତିଯୋଗିତା ରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟଚାରିଛକ, ପୁରୀ କୁ ୧୪-୧୧ ରେ ହରାଇ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିଅନ ହୋଇଛି । ଅଧକ୍ଷ ଦିଲ୍ଲୀପ କୁମାର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ,ସମ୍ମାନୀତ ଅତିଥି ଭାବେ ଦେବବ୍ରତ ପୃଷ୍ଟି, ଭୁବନ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ କୁନମୁନ ବେହେରା, ରାଣୀ ସୁକଦେଇ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷକ ନିରଂଜନ ସାହୁ , ଯାଜପୁରରୋଡ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷକ ଅଶୋକ ଦାସ, ବିରଜା ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷକ ପ୍ରକାଶ ଲାଲ , ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ କାଦମ୍ବିନୀ ସାମନ୍ତରାୟ , ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ସାଧନା ପ୍ରଧାନ , ନିମାପଡା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ସୁଭ୍ରାଂଶୁବାଳା ପ୍ରଧାନ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ପାର୍ବତୀ ପରିଡା , ଭୁବନ ମହିଳା ମହାବିଦ୍ୟାଳୟ ଖେଳ ଶିକ୍ଷକ ଗଦାଧର ସାହୁ ଖେଳ ପରିଚାଳନା କରିଥିଲେ । ରେଫରି ଭାବେ ସୁବ୍ରତ ମିଶ୍ର , ଅନିଲ ପ୍ରସାଦ ନନ୍ଦ, ଜୀବନଜ୍ୟୋତି ବିଶ୍ୱାଳ, ଉମାକାନ୍ତ ଦାସ , ପ୍ରହ୍ଲାଦ ସାହୁ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟ କରିଥିଲେ । ଭୁବନ ମହିଳା ମହାବିଦ୍ୟାଳୟ ଖୋ-ଖୋ ଟିମ ମ୍ୟାନେଜର ଅଧ୍ୟାପକ ମ୍ୟାନେଜର ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମମତା ପାତ୍ର, ଅନୁପମା ମିଶ୍ର, ସୁପ୍ତିମୟୀ ସେନ , ଅଧ୍ୟାପକ ନିରଂଜନ ନାୟକ , କର୍ମଚାରୀ ଶାନ୍ତନୁ ଦାଶ , କୈଳାସ ପାତ୍ର , ଶୁଭମ ବେହେରା , ପ୍ରମିଳା ଦାସ ,ପ୍ରଣତି ବେହେରା ,କିରଣବାଳା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ପାଇଁ ଏକ ଖୋ-ଖୋ ଟିମ ଚୟନ କରାଯାଇଥିଲା ।

ଏଲ୍‌ଭିପିଇଆଇରେ ମାୟୋପିଆ ସଚେତନତା ଅଭିଯାନ

ଭୁବନେଶ୍ୱର , ୨୧/୧୧ (ନି.ପ୍ର): ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ)ରେ ମାୟୋପିଆ ଦୂରୀକରଣକୁ ନେଇ ଏକ ସଚେତନତା ଅଭିଯାନ ଆୟୋଜନ କରାଯାଇଛି । ମାୟୋପିଆ ଥିବା ପିଲାମାନେ ପ୍ରାୟତଃ ବିଦ୍ୟାଳୟରେ ବ୍ଲାକ୍‌ବୋର୍ଡ ପଢ଼ିବାରେ ଅସୁବିଧା ସାମ୍ନା କରନ୍ତି ଏବଂ ବହି କିମ୍ବା କୌଣସି ଜିନିଷ ଦେଖିବା ପାଇଁ ସେମାନଙ୍କ ମୁହଁରେ ଅତି ପାଖରେ ଧରନ୍ତି । କମ୍ ସମୟ ଶୋଇବା ଓ ଠିକ୍ ଭାବେ ନଖାଇବା ମାୟୋପିଆ ରୋଗ ସହ ଜଡ଼ିତ । ଏଲ୍‌ଭିପିଇଆଇର ଡାକ୍ତର ବିବେକ ୱାକର୍ଡ ଏବଂ ମରିୟମ୍ ହାଇମ୍ୟାନ୍ ଚିଲ୍‌ଡ୍ରେନ୍ସ ଆଇ ସେଣ୍ଟର ମୁଖ୍ୟ ମିଥୁ ତୁଳସୀ କହିଛନ୍ତି ଯେ ମାୟୋପିଆ ନିରୂପଣ ନହେବା କିମ୍ବା ତାହାର ଚିକିତ୍ସା ନକରାଇବା ଦ୍ୱାରା ପିଲାଙ୍କ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ମାୟୋପିଆ ପୀଡ଼ିତ ପିଲାମାନଙ୍କଠାରେ ଚକ୍ଷୁ ସମ୍ପର୍କିତ ଅନ୍ୟାନ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ମାୟୋପିଆ ରୋଗ ଥିବା ପ୍ରାୟ ୪% ଭାରତୀୟ ବ୍ୟକ୍ତି ଜଟିଳତା କାରଣରୁ ସ୍ଥାୟୀ ଭାବେ ଦୃଷ୍ଟିଶକ୍ତି ହରାଇପାରନ୍ତି ବୋଲି ଡାକ୍ତର ବିବେକ କହିଛନ୍ତି ।

ଲୋୟର ଶୁକେତଲ ଜଳସେଚନ ପ୍ରକଳ୍ପ ପାଇଁ ଗଡଶଙ୍କର ଡୁଙ୍ଗୁରିପାଲିରେ ଜନ ଶୁଣାଣୀ ଶିବିର

ବଲାଙ୍ଗିର , ୨୧/୧୧ (ନି.ପ୍ର): ପ୍ରସ୍ତାବିତ ଲୋୟର ଶୁକେତଲ ଜଳେସଚନ ପ୍ରକଳ୍ପ ପାଇଁ ବିସ୍ଥାପିତ ହେବାକୁ ଥିବା ଗଡ଼ ଶଙ୍କର ଡୁଙ୍ଗୁରିପାଲି ଠାରେ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ମାନଙ୍କୁ ନେଇ ଆଜି ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରେର ଜିଲାପାଳ ଟଂଚଲ୍ ରାଣା, ଆରକ୍ଷୀ ଅଧିକ୍ଷକ ନୀତିଶ କୁମାର, ଏସ୍ଡିପିଓ ତୁଫାନ୍ ବାଗ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମେହନ୍ଦ୍ର କୁମାର ମହାପାତ୍ର , ଉପ ଜିଲ୍ଲାପାଳ କୁମାର ନାଗଭୂଷଣ, ଅନ୍ୟ ରାଜସ୍ୱ ଜଳେସଚନ ବିଭାଗର ଅଧିକାରୀଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମଗାନ ଉପସ୍ଥିତ ଥିଲେ ।

ରାଷ୍ଟ୍ର ଏକ ସୃଜନଶୀଳତାର ମନ୍ତ୍ର : ଡ଼ଃ ହରପ୍ରସାଦ ଦାସ

କେନ୍ଦ୍ରାପଡ଼ା, ୨୧/୧୧ (ନି.ପ୍ର): ରାଷ୍ଟ୍ର ଏକ ରାଜନୈତିକ ଶବ୍ଦ ନୁହେଁ, ରାଷ୍ଟ୍ର ଏକ ସୃଜନଶୀଳତାର ମନ୍ତ୍ର । ରାଷ୍ଟ୍ରକୁ ବାଦ୍ ଦେଇ ସୃଜନକର୍ମର ପରିକଳ୍ପନା ଅସମ୍ଭବ ବୋଲି ବିଶିଷ୍ଟ କବି, ସ୍ତମ୍ଭକାର ଓ ଚିନ୍ତକ ଡ଼ଃ ହରପ୍ରସାଦ ଦାସ ମତବ୍ୟକ୍ତ କରିଛନ୍ତି । ସାମାଜିକ ସଂଗଠନ "ଜୟ ରାଷ୍ଟ୍ର" ପକ୍ଷରୁ କେନ୍ଦ୍ରାପଡାର ଗୋପଛକ ସ୍ଥିତ କମଳ ଭବନ ପରିସରରେ ଆୟୋଜିତ ରାଷ୍ଟ୍ରବାଦୀ କବିତା ମହୋତ୍ସବକୁ ଉଦ୍‌ଘାଟନ କରି ଡ଼ଃ ଦାସ ରାଷ୍ଟ୍ରବାଦ ସଂପର୍କରେ ତଥ୍ୟ ପ୍ରମାଣ ସହ ଉଦାହରଣ ଦେଇ ଏହିଭଳି ବକ୍ତବ୍ୟ ରଖିଥିଲେ । ସାଂପ୍ରତିକ କବିତାରେ ଭାରତୀୟତାର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଦୀର୍ଘଦିନର ନିରବତା ପରେ ଏବେ ରାଷ୍ଟ୍ରବାଦ୍‌କୁ ନେଇ ସାରସ୍ୱତ ଆଲୋଚନା ଚକ୍ର ହେବା ଏକ ଶୁଭ ସୂଚନା । ବିଶିଷ୍ଟ କବି ଜ୍ଞାନ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବାଲ୍ମିକି ରାମାୟଣ ହିଁ ରାଷ୍ଟ୍ରବାଦର ପ୍ରଥମ ମହାକାବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଯୁବ କବି ତଥା ସାମ୍ବାଦିକ ମାତୃଦତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୨ ଜଣ କବି ରାଷ୍ଟ୍ରବାଦୀ କବିତା ଆବୃତି କରିଥିଲେ । ଆକାଶବାଣୀର ଉଦ୍‌ଘୋଷିକା ଦିପ୍ତି ଦାସ ଓ ରୀତା ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମାଜସେବୀ ଅକ୍ଷୟ ପାଣି ସ୍ୱାଗତ ଭାଷଣ ଓ ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡାକ୍ତର ବିରେନ୍ଦ୍ର କୁମାର ଦାସ, ଜ୍ୟୋତି ରଞ୍ଜନ ନାୟକ, ପ୍ରଦିପ କୁମାର ନାୟକ ପ୍ରମୁଖ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରଞ୍ଜନ କୁମାର ବିଶ୍ୱାଳ ଓ ସୁଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଫୁଲବାଣୀ, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଦ୍ୱିବାର୍ଷିକ କମକର୍ତ୍ତା ଚୟନ

ପ୍ରଶାନ୍ତ ବେହେରା ସଭାପତି, କାହ୍ନୁଚରଣ ସମ୍ପାଦକ

କନ୍ଧମାଳ, ୨୧/୧୧ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଏକ ସାଦାରଣ ପରିଷଦ ବୈଠକ, ଫୁଲବାଣୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ଠାରେ ଅନୁଷ୍ଠାନର ବହୁ ସଭ୍ୟ/ ସଭ୍ୟାଙ୍କ ଉପସ୍ଥିତିରେ ଆଗାମୀ ତ୍ରୟୋଦଶ ପୁସ୍ତକ ମେଳା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ସହ ଓ ପଂଚଦଶ କର୍ମକର୍ତାଚୟନ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨୦୨୩ ଫେବୃୟାରୀ ୧୨ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ତ୍ରୟୋଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ପାଳନ ପାଇଁ ସ୍ଥିର ହୋଇଥିବା ବେଳେ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଙ୍କ ନିର୍ବାଚନ ପରିଚାଳନାରେ ଆଗାମୀ ଦୁଇ ବର୍ଷ ପାଇଁ ପଂଚଦଶ ନିର୍ବାଚନ ଓ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତି କ୍ରମେ,ଦ୍ୱିତୀୟ ଥର ପାଇଁ, ସଭାପତି ଭାବେ-ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ସେହିପରି ଉପ ସଭାପତି ଭାବେ-ସୁଜିତ୍ କୁମାର ବେହେରା ଏବଂ ଶରତଚନ୍ଦ୍ର ମହାନ୍ତି, ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଭାବେ ପୁନର୍ବାର,ଡକ୍ଟର କାହ୍ନୁ ଚରଣ ଶତପଥୀ ଙ୍କୁ ଚୟନ କରା ଯାଇଥିବା ବେଳେ ସହ ସମ୍ପାଦକ ଭାବେ-ଅବସରପ୍ରାପ୍ତ ଶିକ୍ଷକ, ଓମ୍ ପ୍ରକାଶ ପଣ୍ଡା ଏବଂ ଶିକ୍ଷୟିତ୍ରୀ,ଶ୍ରମତୀ ସୁନିତୀ ଅଚାରୀ ମନୋନୀତ ହୋଇଛନ୍ତି । ସଙ୍ଗଠନ ସମ୍ପାଦକ ଭାବରେ ଶିକ୍ଷକ ସୋମନାଥ ସାହୁ ଏବଂ ସାଂସ୍କୃତିକ ସମ୍ପାଦିକା ଭାବେ-ଶିକ୍ଷୟିତ୍ରୀ ଶ୍ରୀମତୀ ବିରାଜିନୀ ମହାପାତ୍ର ଙ୍କୁ ଚୟନ

ବିଗୁଡୁଛି ଜଳବାୟୁ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃକ୍ଷରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମସୟ ମଧ୍ୟ ଧୀରେ ଧୀରେ ବଦଳିଗଲାଣି ।

ଏଇ କିଛିବର୍ଷ ହେବ ପରିସ୍ଥିତି ଏଭଳି ହୋଇଛି ଯେ ମଣିଷ ବର୍ଷାଟିକେ ପାଇଁ ଅପେକ୍ଷା କରୁଛି 'ଲଘୁଚାପ' ଉପରେ । ଶୀତଦିନେ ଯେଉଁଠି ପାଗ ଶୁଖିଲା ରହିବା କଥା ସେଠାରେ ନାହିଁ ନଥିବା ବର୍ଷା ଏବଂ ଶୀତଦିନେ ଶୀତ ବଦଳରେ ରାଜ୍ କରୁଛି ଅସହ୍ୟ ଗୁଳୁଗୁଳି । ଏଥିରୁ ଗୋଟିଏ କଥା ପ୍ରତୀୟମାନ ଯେ ଯାହା ଯେତେବେଳେ ହେବାକଥା ତାହା ହେଉନାହିଁ । ଏହାର ସବୁଠୁ ବଡ଼ ପ୍ରଭାବ ପଡୁଛି ଚାଷବାସ ଉପରେ । ମଣିଷ ତ ସବୁ ସିଜନକୁ ନେଇ ନିଜକୁ ଆଡଜଷ୍ଟ କରିନେଉଛି କିନ୍ତୁ ପରିବେଶ ଯେ ଦିନକୁ ଦିନ ବିଗିଡ଼ିଯାଉଛି ଏକଥାକୁ ଅସ୍ୱୀକାର କରାଯାଇପାରେନା । ଏଇ ବିଗୁଡୁଥିବା ଜଳବାୟୁର ପ୍ରଭାବରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କଣ ସବୁପ୍ରଭାବ ପଡୁଛି ତାକୁ ନେଇ ଆଜିର ଉପସ୍ଥାପନା ।

ଏବେ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ସେଲସିୟସ । ପୂର୍ବାପେକ୍ଷା କେତେ ବଢ଼ିଛି କେତେ କମିଛି ତାହା ବଡ଼କଥା ନୁହେଁ କିନ୍ତୁ ଜଳବାୟୁରେ ହଠାତ୍ ବହୁତ ବଡ଼ ପରିବର୍ତ୍ତନ ଆସିବାରେ ଲାଗିଛି । ଋତୁ ବଦଳିଥାଏ ସତ କିନ୍ତୁ ଯେଉଁ ଢଙ୍ଗରେ ବଦଳିବା କଥା ତାହା ସେପରି ବଦଳୁନାହିଁ । ଦିନକୁ ଦିନ ପରିବେଶ ଅଧିକରୁ ଅଧିକ ଉତ୍ତପ୍ତ ହୋଇଚାଲିଥିବା ବେଳେ ଶୀତଦିନର ଅବଧି ଦିନକୁ ଦିନ ଖୁବ୍ ଛୋଟ ହୋଇଯାଉଛି । ଖାଲି ଯେ ଭାରତରେ ଏସବୁ ଘଟୁଛି ତାହା ନୁହେଁ ବରଂ ବିଶ୍ୱ ସ୍ତରରେ ଏସବୁ ଘଟି ଏବଂ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ଏବେ ମନରେ ପ୍ରଶ୍ନ ଉଠୁଥିବ ଏଭଳି ହେବାର କାରଣ କ'ଣ । ଏକଥା ମଧ୍ୟ ଲୋକମାନେ ଜାଣନ୍ତି ସବୁ 'ଗ୍ରୀନ୍ ହାଉସ ଇଫେକ୍ଟ' ।

ପୃଥିବୀର ବାତାବରଣ ଯେଉଁଭଳି ଭାବେ ସୂର୍ଯ୍ୟଙ୍କର କିଛି କିରଣକୁ ଗ୍ରହଣ କରିନିଏ ତ ତାକୁ ଗ୍ରୀନ ହାଉସ ଇଫେକ୍ଟ କୁହାଯାଇଥାଏ । ପୃଥିବୀର ଚାରିପଟେ ରହିଛି ଗ୍ରୀନହାଉସ ଗ୍ୟାସର ଏକ ପରସ୍ତ । ଏହି ଗ୍ୟାସରେ କାର୍ବନ ଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ ମିଶିକି ରହିଛି । ଏହି ପରସ୍ତ ସୂର୍ଯ୍ୟଙ୍କ ଅଧିକ ଉତ୍ତାପକୁ ଗ୍ରହଣ କରିନେଇ ଏହାକୁ ପୃଥିବୀର ସବୁଠି ପହଞ୍ଚାଇଦେଇଥାଏ ଏବଂ ଏହି କିରଣର ପୃଥିବୀ ଉପରେ ପଡ଼ିବା କାରଣରୁ ପୃଥିବୀ ଉତ୍ତପ୍ତ ହୋଇଥାଏ । ଯଦି ଏହି ପ୍ରଭାବ ନରହନ୍ତା ପୃଥିବୀର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସରୁ ଅଧିକ ଥଣ୍ଡା ରହନ୍ତା । ଅର୍ଥାତ ଗ୍ରୀନ ହାଉସ ଗ୍ୟାସ ନଥିଲେ ପୃଥିବୀପୃଷ୍ଠରେ ଜୀବନର ସତ୍ତା ନଥାନ୍ତା । ବୈଜ୍ଞାନିକଙ୍କ ଅନୁସାରେ ଆମେମାନେ ବିଭିନ୍ନ କଳାକାରଖାନା ଏବଂ କୃଷିରୁ ଯେଉଁ ଗ୍ୟାସ ବାତାବରଣକୁ ଛାଡୁଛେ (ଯାହାକୁ ବୈଜ୍ଞାନିକ ଭାଷାରେ ଉତ୍ସର୍ଜନ କୁହନ୍ତି) ସେଥିଯୋଗୁ ଗ୍ରୀନହାଉସ ଗ୍ୟାସର ପରସ୍ତ ମୋଟା ହୋଇ ଚାଲିଛି । ଏହି

ପରସ୍ତ ଅଧିକରୁ ଅଧିକ ସୂର୍ଯ୍ୟ କିରଣ ଗ୍ରହଣ କରି ପୃଥିବୀର ତାପମାତ୍ରା ବଢ଼ାଇ ଚାଲିଛି । ଏହାକୁ ଗ୍ଲୋବାଲ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନ କୁହାଯାଇଥାଏ । ଏଥିରେ ସବୁଠୁ ଭୟଙ୍କର ପଦାର୍ଥଟି ହେଉଛି କାର୍ବନ ଡାଇଅକ୍ସାଇଡ, ଯାହାର ମାତ୍ରା ଦିନକୁ ଦିନ ବୃଦ୍ଧିପାଇ ଚାଲିଛି । ବିଶେଷକରି ଜଙ୍ଗଲ କ୍ଷୟ ଯୋଗୁ ଏହି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ଧାରଣ କରିଚାଲିଛି । ତା'ଛଡ଼ା ମାନବୀୟ ଗତିବିଧି ଦ୍ୱାରା ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ ଉତ୍ସର୍ଜନ ମଧ୍ୟ ବଢ଼ିଯାଇଛି । କିନ୍ତୁ କାର୍ବନ ତୁଳନାରେ ଏହାର ମାତ୍ରା ଖୁବ୍ କମ୍ । ୧୭୫୦ରେ ଔଦ୍ୟୋଗିକ କ୍ରାନ୍ତି ପରଠାରୁ କାର୍ବନ ଡାଇଅକ୍ସାଇଡର ସ୍ତର ୩୦ ପ୍ରତିଶତରୁ ଅଧିକ ବଢ଼ିଯାଇଥିବା ବେଳେ ମିଥେନର ସ୍ତର ୧୪୦ ପ୍ରତିଶତରୁ ଅଧିକ ବଢ଼ିଛି । ବାତାବରଣରେ କାର୍ବନ ଡାଇଅକ୍ସାଇଡର ସ୍ତର

ଆଠଲକ୍ଷ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଛି । ଏକ ଆକଳନ ଅନୁସାରେ ଗତ ୧୦୦ ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୦.୮ ଡିଗ୍ରୀ ସେଲସିୟସ ବଢ଼ିଛି । ଏହି ତାପମାତ୍ରା ବୃଦ୍ଧିର ୦.୬ ଡିଗ୍ରୀ ସେଲସିୟସ କେବଳ ଗତ ୩ ଦଶକ ମଧ୍ୟରେ ହିଁ ପରିଲକ୍ଷିତ ହୋଇଛି ।

କ'ଣ କହେ ଉପଗ୍ରହ ତଥ୍ୟ:

ଉପଗ୍ରହରୁ ପ୍ରାପ୍ତ ତଥ୍ୟ ଅନୁସାରେ ଗଲା କିଛି କିଛି ଦଶକ ମଧ୍ୟରେ ସମୁଦ୍ରରୁ ଜଳସ୍ତର ବର୍ଷକୁ ୩ ମିଲିମିଟର ବୃଦ୍ଧି ପାଇଛି । ବର୍ଷକୁ ୪ ପ୍ରତିଶତ ବେଗରେ ଗ୍ଲାସିୟର ତରଳିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃକ୍ଷରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମମୟ ମଧ୍ୟ ଧୀରେ ଧୀରେ ବଦଳିଗଲାଣି । ଏଥିସହିତ ପଶୁପକ୍ଷୀମାନେ ମଧ୍ୟ ଜଙ୍ଗଲ ଛାଡ଼ି ସହର କିମ୍ବା ଗାଁ ମଧ୍ୟକୁ ପଶିଆସିଲେଣି ।

ଭବିଷ୍ୟତରେ କେତେ ବଢ଼ିବ ତାପମାତ୍ରା:

୨୦୧୩ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆନ୍ତର୍ଜାତୀୟ ସମିତି କମ୍ପ୍ୟୁଟର ମଡେଲିଂ ଆଧାରରେ ସମ୍ଭାବିତ ପରିସ୍ଥିତିର ପୂର୍ବାନୁମାନ କରିଥିଲା । ଏଥିରେ ଗୋଟିଏ ଅନୁମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ୧୮୫୦ ତୁଳନାରେ ଏକବିଂଶ ଶତାବ୍ଦୀ ଶେଷ ଯାଏ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବଢ଼ିଯିବ । ଏମିତିକି ଆମେ ଯଦି ଗ୍ରୀନହାଉସ ଗ୍ୟାସ ଉତ୍ସର୍ଜନ ଅଧିକରୁ ଅଧିକ କମ୍ କରିବା ତଥାପି ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ବିଶେଷକରି ଗ୍ଲାସିୟର ଉପରେ ।

କ'ଣ ସବୁ ପ୍ରଭାବିତ ପଡ଼ିବ:

ପ୍ରକୃତିରେ ଏହାର ପ୍ରଭାବ କ'ଣ ପଡ଼ିବ ତାହା ନିଶ୍ଚିତ ଭାବେ କହିବା ମୁସ୍କିଲ । କିନ୍ତୁ ଏହାଦ୍ୱାରା ପିଇବା ପାଣି ସମସ୍ୟା ନିଶ୍ଚିତ ଭାବେ ଉପୁଜିବ । ଏତଦବ୍ୟତୀତ ଚାଷବାସ ମଧ୍ୟ କମ୍ ହୋଇଯିବ । ବନ୍ୟା, ବାତ୍ୟା, ମରୁଡ଼ି ସହିତ ତତଲା ପବନ ବହିବ । ଜଳବାୟୁ ପରିବର୍ତ୍ତନର ସବୁଠୁ ବଡ଼ ପ୍ରଭାବ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ବହୁଳ ଭାବେ ପଡ଼ିବ । ମଣିଷ ଏବଂ ଜୀବଜନ୍ତୁଙ୍କ ଜୀବନ ଉପରେ ମଧ୍ୟ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିବ । ଏହାଦ୍ୱାରା ଗଛବୃକ୍ଷଠୁ ଆରମ୍ଭ କରି ଜୀବଜନ୍ତୁଙ୍କ ଯାଏ ବିଲୁପ୍ତ ହେବାର ସମ୍ଭାବନା ସୃଷ୍ଟି ହେବ ।

ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।

ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ୍ୟ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୁଖିଲା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି । ଏପରିକି ନରେନ୍ଦ୍ର ମୋଦି ମଧ୍ୟ ଏହି ନିଆରା ମିଠାକୁ ଖୁବ୍ ପସନ୍ଦ କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି ।

ବିହନ ବୋମା ପଦ୍ଧତି

ବିହନ ବୋମା ପଦ୍ଧତି ପାଇଁ ହଳକରି ଜମି ପ୍ରସ୍ତୁତ କରିବା କିମ୍ବା ଚାରା ଗଛ ଲଗାଇବା ପାଇଁ ଗାତ ଖୋଳିବା ଦରକାର ପଡ଼େ ନାହିଁ । ଏହି ପ୍ରଣାଳୀରେ ବହୁତ କମ ପରିଶ୍ରମରେ କୌଣସି ଯନ୍ତ୍ରପାତି ବ୍ୟବହାର ନକରି ଗଛ ସୃଷ୍ଟି କରାଯାଇପାରେ । ବିହନ ବୋମା ତିଆରି କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା କରିବାକୁ ପଡ଼େ ନାହିଁ ଓ ଚାରା ଭଳି ଏହା ଯତ୍ନ ନେବା ପାଇଁ ପଡ଼େ ନାହିଁ । ମଞ୍ଜି ଉପରେ ଥିବା ମାଟିର ଆବରଣ ମଞ୍ଜିକୁ ଚଢ଼େଇ, ପିମ୍ପୁଡ଼ି ଓ ମୂଷା ଠାରୁ ରକ୍ଷା କରେ । ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ଲାଗିଥାଏ, ମାତ୍ର ବହୁତ କମ ସମୟରେ ୧୦୦୦ ଜୀବ ପିଣ୍ଡୁଳା ବା ବିହନ ବୋମା ତିଆରି ହେଇପାରେ । ବିହନ ବୋମା ଗୁଡ଼ିକ ପ୍ରାୟ ୪୫ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ । ଏପରିକି ଆମେ ବିହନ ବୋମା ପଦ୍ଧତିରେର ଯେତିକି ମଞ୍ଜି ବୁଣିବା, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ ।

ବିହନ ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି

ଆମ ଦେଶର ଅନେକ ଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣର କରି ଉପକୃତ ହେଉଛନ୍ତି । ଯେମିତି ଚେନ୍ନାଇରେ ୨୦୧୭ ମସିହାରେ ହୋଇଥିବା ବାତ୍ୟାରେ ପାଖାପାଖି ୧ଲକ୍ଷ ଗଛ ମୂଳରୁ ଉପାଡ଼ି ଭାଙ୍ଗି ହୋଇଥିଲା ଏବଂ ତାପରେ ବହୁତ ଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡ଼ିଥିଲେ । ବିଭିନ୍ନ ସଂସ୍ଥା ମାନଙ୍କ ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣ ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ । ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ଖତ ମିଶାଇ ଗୋଟିଏ ବୋମା ବା ପିଣ୍ଡୁଳା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ିନଯିବା ବା ପକ୍ଷୀ ନଖାଇବା ପାଇଁ ସୁରକ୍ଷା ଦେଇଥିଲା ତେଲେଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ଲଗାଯାଇପାରିବ । ହରିୟାନାର ବନ ବିଭାଗ ଆଇ.ଆଇ.ଟି. କାନପୁର ଦ୍ୱାରା ନିର୍ମିତ ବିହନ ବୋମା ଆରବଲୀ ପର୍ବତ ଶ୍ରେଣୀର ଦୁର୍ଗମ ଅଂଚଳରେ ଜଙ୍ଗଲ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାର ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ରୁ ୩୦,୦୦୦ ମଞ୍ଜି ବୁଣାଯାଇ ପାରିବ । ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତି ପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି ଏବଂ ସହରାଞ୍ଚଳରେ ବାସ କରୁଥିବା ଛାତ୍ରଛାତ୍ରୀ ଓ ଲୋକମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ସୋସିଆଲ ମିଡିଆ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ନିଜ ଘର ଚାରିପାଖେ ସବୁଜିମାମୟ ପରିବେଶ ସୃଷ୍ଟି କରିପାରୁଛନ୍ତି । ଓଡ଼ିଶାରେ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ବୃଦ୍ଧି ପାଇଁ ୨୦୧୫ ମସିହାର ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରି ଆସୁଛନ୍ତି । ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ୍ କରିବା ଉଦ୍ଦେଶ୍ୟରେ ହାତୀ ମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବା ପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି ।

ଫ୍ରେଞ୍ଚ ପଟାଟୋ ଓମ୍‌ଲେଟ

ବ୍ୟସ୍ତ ଜୀବନରେ ରବିବାରରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !

ଆବଶ୍ୟକ ସାମଗ୍ରୀ: ୩ଟି ଥଣ୍ଡା, ବଡ଼ ଚାମଚରେ ୩ ଚାମଚ ବଟର, ୧/୨ ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଚାଟ୍ ମସଲା, ୧ ଚାମଚ କଟା ଧନିଆପତ୍ର, ଛୋଟଛୋଟ କଟା ହୋଇଥିବା ୨ଟି କଞ୍ଚାଲଙ୍କା ଏବଂ ଗୋଟିଏ ଆଳୁ, ସ୍ୱାଦାନୁସାରେ ଲୁଣ । ସାଧାରଣ ଭାବେ ଥଣ୍ଡା ଓମ୍‌ଲେଟ୍ ତିଆରି କରି ସମସ୍ତେ ଖାଇଥାନ୍ତି । ଏହି ଖାଦ୍ୟଟି କିନ୍ତୁ ଭିନ୍ନ ସ୍ୱାଦ ଦେଇଥାଏ ।

ପ୍ରସ୍ତୁତି: ଅଣ୍ଡାକୁ ଫୁଟାଇ ଏକ ପାତ୍ରରେ ବାହାର କରିଦେବେ । ସେଥିରେ ଧନିଆପତ୍ର, ଲୁଣ, କଞ୍ଚାଲଙ୍କା ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏକ ପ୍ୟାନ୍ ଗରମ କରି ସେଥିରେ ବଟର ପକାନ୍ତୁ । ଏହା ତରଳି ଗଲେ କଟା ଆଳୁ ପକାଇ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜିବେ । ଏବେ ଫେଣ୍ଟା ହୋଇ ରହିଥିବା ଅଣ୍ଡା ଏହା ଉପରେ ପକାଇ ଦିଅନ୍ତୁ । ଥଣ୍ଡା ଏବଂ ଆଳୁ ପୂରା ସେଟ୍ ହୋଇଯିବା ପରେ ଓମ୍‌ଲେଟ୍‌କୁ ଓଲଟାଇ ୫ରୁ ୧୦ ସେକେଣ୍ଡ ପରେ ଗ୍ୟାସ୍ ବନ୍ଦ କରିଦେବେ । ଏକ ପ୍ଲେଟ୍‌ରେ ଓମ୍‌ଲେଟ୍ ଆଣି ତା' ଉପରେ ଚାଟ୍ ମସଲା ଏବଂ ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ । ଏବେ ଏହା ପସନ୍ଦର ସସ୍ କିମ୍ବା ଚଟଣି ସହିତ ପରଷିବାକୁ ପ୍ରସ୍ତୁତ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଶାନ୍ତିର ଜଳବାୟୁ...

ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ଠାରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ବା ସିଓପି ୨୭ ଆରମ୍ଭ ହେବା ପୂର୍ବରୁ ସମଗ୍ର ବିଶ୍ୱବାସୀଙ୍କ ମନରେ ସଂଚାର ହୋଇଥିଲା ନୂଆ ଆଶା- ଏଥର ଅଂଶଗ୍ରହଣକାରୀ ଦେଶମାନେ ନିଶ୍ଚୟ କିଛି ପଦକ୍ଷେପ ନେବେ ବିଶ୍ୱ ତାପନ ଓ ଜଳବାୟୁର ଦ୍ରୁତ ପରିବର୍ତ୍ତନକୁ ରୋକିବାକୁ, ବିଶେଷକରି ୨୦୨୨ରେ ପୃଥିବୀର ବିଭିନ୍ନ ଭାଗରେ ସଂଘଟିତ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ଅଙ୍ଗେ ନିଭେଇବା ପରେ ଏବଂ ଅନୁଭବ କରିବା ପରେ ଯେ ଏସବୁର କାରଣ କେବଳ ଏକମାତ୍ର ମନୁଷ୍ୟ ଏବଂ ତା'ର ତଥାକଥିତ ବିକାଶ। ପରନ୍ତୁ, ଏହା ପ୍ରମାଣିତ ହୋଇଛି ବହ୍ୱାଡ଼ମ୍ବରେ ଲଘୁକ୍ରିୟାରେ, ଅର୍ଥାତ ସମାନ କଥା ଦୋହରାଯାଇଛି ଜଳବାୟୁ ପାଣ୍ଠିକକୁ ନେଇ-ସମ୍ମିଳନୀ କ୍ଷେତ୍ର ପରିଣତ ହୋଇଥିଲା ଏକ ଯୁଦ୍ଧ କ୍ଷେତ୍ରରେ ଯେଉଁଥିରେ ସେମାନଙ୍କର ନିଜ ନିଜର ସ୍ୱାର୍ଥ ଦ୍ୱାର ଦୁଇ ପକ୍ଷ ସ୍ପଷ୍ଟ ଭାବରେ ଚିହ୍ନିତ ହୋଇ ଯାଇଛନ୍ତି। ଗୋଟିଏ ପକ୍ଷରେ ରହିଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ବିକଶିତ ରାଷ୍ଟ୍ର ସମୂହ ଏବଂ ଅନ୍ୟ ପକ୍ଷରେ ରହିଛନ୍ତି ସବୁଯାକ ବିକାଶଶୀଳ ରାଷ୍ଟ୍ର। ସଂଘର୍ଷର କାରଣ ଅବଶ୍ୟ ସେଇ ଗୋଟିଏ ପ୍ରସଙ୍ଗ ଯେ- ପୃଥିବୀ ନାମକ ଆମେ ବାସ କରୁଥିବା ଏଇ ଯେଉଁ ଗ୍ରହ ବର୍ତ୍ତମାନ ଆମମାନଙ୍କ ଦ୍ୱାରା ଅଳିଆ ଗଦାରେ ପରିଣତ ହୋଇଛି, ତାକୁ ସଫା କରିବାର ମୂଲ୍ୟ ବହନ କରିବ କିଏ? ତେଣୁ ସମ୍ମିଳନୀ ଉପରାନ୍ତ ସ୍ଥିତିରେ ଅଂଶଗ୍ରହଣକାରୀ ଦେଶମାନେ, ଉଦ୍ୟୋଗ ସମୂହ, ବହୁପକ୍ଷୀୟ ସଂଗଠନଗୁଡ଼ିକ ଏବଂ ଅଣଲାଭକାରୀ ସଂସ୍ଥାମାନେ ଅବଶ୍ୟ ବିଶ୍ଳେଷଣ କରିବାକୁ ବାଧ୍ୟ ହେବେ ଯେ ଏହି ସମ୍ମିଳନୀ ସେମାନଙ୍କର ଆଶା ପୂରଣ କରିବାରେ ସମର୍ଥ ହେଲା କି! ଆଉ ଏହା ଅନ୍ତତଃ ନିଶ୍ଚିତ ଯେ ନିରାଶା ଏବଂ ବିତୃଷ୍ଣା ଏହି ବିଶ୍ଳେଷଣଗୁଡ଼ିକର ଶିରୋନାମା ପାଲଟିବ। ତଥାପି, ଏଗୁଡ଼ିକ ଯଥାର୍ଥ ଭାବାବେଗ ହୋଇଥିଲେ ସୁଦ୍ଧା ଇଜିପ୍ଟରେ ଅନୁଷ୍ଠିତ ସମ୍ମିଳନୀ ଦେଶମାନେ ଯଦି ଏକାଠି ହୋଇ ସେମାନଙ୍କର ସମସ୍ୟାଗୁଡ଼ିକ ଦୂର କରିବାକୁ ଆଗେଇ ଆସନ୍ତି, ତା'ହେଲେ କେଉଁସବୁ କାର୍ଯ୍ୟ ସମ୍ଭବପର ହୋଇପାରିବ,ତା'ର ଏକ ଝଲକ ଦେଖାଇଛି। ସଂକ୍ଷେପରେ ଉତ୍ତର: ଏହା ଜଳବାୟୁ ପରିବର୍ତ୍ତନ ବିରୋଧରେ ବିଶ୍ୱକୁ ସୁରକ୍ଷା ପ୍ରଦାନ କରିବାବେଳେ ଦେଶ ଦେଶ ମଧ୍ୟରେ ରହିଥିବା ଉତ୍ତେଜନାକୁ ମଧ୍ୟ କମାଇବାରେ ସାହାଯ୍ୟ କରିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଥିବା ହାନି ଏବଂ କ୍ଷତିର ମୂଲ୍ୟକୁ ଭରଣା କରିବା ନିମନ୍ତେ ଏକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ବିଶ୍ୱର ଦକ୍ଷିଣ ଭାଗର ରାଷ୍ଟ୍ରମାନଙ୍କ ଦାବିକୁ ସମର୍ଥନ କରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ ଭାବରେ ମନା କରିଦେବା ପରେ ଆଫ୍ରିକୀୟ ରାଷ୍ଟ୍ରମାନେ ଦାୟିତ୍ୱକୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ସେମାନେ ସେମାନଙ୍କ ଭିତରେ ଅନେକ ଫାଟ ଥିବା ସତ୍ତ୍ୱେ- ଯାହା ପ୍ରାୟତଃ ଅଧିକାଂଶ ସମୟରେ ସେମାନଙ୍କ ମଧ୍ୟରେ ସଂଘର୍ଷର କାରଣ ମଧ୍ୟ ପାଲଟିଛି- ଅନୁଭବ କଲେ ଯେ ସାମୂହିକ ଭାବରେ ସେମାନେ ଭୋଗୁଥିବା ଏବଂ ଆଗାମୀ ସମୟରେ ଭୋଗିବାକୁ ଯାଉଥିବା ଦୁର୍ଦ୍ଦଶାକୁ ଅନ୍ୟ କେହି ସମାଧାନ କରିବେ ନାହିଁ, ଏବଂ ସେଥିପାଇଁ ସେମାନଙ୍କୁ ନିଜେ କିଛି କରିବାକୁ ପଡ଼ିବ। ଆଉ ଏହି କାରଣରୁ ହିଁ ସେମାନେ ମିଳିମିଶି ୧୪ ବିଲିଅନ୍ ଡଲାରର ଏକ ଆଫ୍ରିକୀୟ ଜଳବାୟୁ ବିପଦ ଉଦ୍ଧାର ପାଣ୍ଠି ଗଠନ କଲେ। ସେହିଭଳି ପୃଥକ୍ ଭାବରେ ପୃଥିବୀ ନାମକ ଏଇ ଗ୍ରହର ଫୁସ୍‌ଫୁସ୍‌ର ଗୃହ ଭାବରେ ବିଦିତ ବ୍ରାଜିଲ,ଇଣ୍ଡୋନେସିଆ ଏବଂ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ଦ କଙ୍ଗୋ ବୃଷ୍ଟିପାତବହୁଳ ଅରଣ୍ୟଗୁଡ଼ିକର ସୁରକ୍ଷା ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ କରିବାକୁ ଆଗେଇ ଆସିଲେ। ଏହିସବୁ ଉଦ୍ୟମ ଭାରତୀୟ ଉପମହାଦେଶ ତଥା ଏହାର ପଡ଼ୋଶୀମାନଙ୍କ ସହିତ ବିଶ୍ୱର ବୃହତ୍ ଶକ୍ତିମାନଙ୍କ ପାଇଁ ମହତ୍ୱପୂର୍ଣ୍ଣ ଶିକ୍ଷା ପାଲଟିବା ଉଚିତ। ଯେ କୌଣସି ଗୋଟିଏ ବର୍ଷରେ ଦୁର୍ବଳ ମୌସୁମୀର ଅର୍ଥ, ଉଭୟ ଭାରତ ଓ ପାକିସ୍ତାନର କୃଷି କ୍ଷେତ୍ରଗୁଡ଼ିକ ପାଇଁ ବିପର୍ଯ୍ୟୟର କାରଣ। ତାର ବାଡ଼ ଦ୍ୱାରା ଘେରାଯାଇଥିବା ସୀମା ସହିତ ଗୁଳିଗୋଳାରେ ସଜ୍ଜିତ ପହରା ଦେବା କେନ୍ଦ୍ରଗୁଡ଼ିକ ଭଳି ମରୁଡ଼ି କି ବଢ଼ି କୌଣସି ଦେଶର ସୀମା ସରହଦ ଭିତରେ ସୀମିତ ରୁହେନାହିଁ। ବର୍ଷ ପରେ ବର୍ଷ ଜଳବାୟୁ ପରିବର୍ତ୍ତନଜନିତ ସଂକଟଗୁଡ଼ିକ ଦକ୍ଷିଣ ଏସିଆକକୁ ଆକ୍ରାନ୍ତ କରି ଚାଲିଥିବା ପରିପ୍ରେକ୍ଷୀରେ ଭାରତ ଏବଂ ପାକିସ୍ତାନ ସେମାନଙ୍କ ଭାଗର ଭୂଖଣ୍ଡ ଉପରେ ପଡୁଥିବା ବିଶ୍ୱ ତାପନର ହାନିକାରକ ପ୍ରଭାବକୁ କ୍ଷୁର୍ଣ୍ଣ କରିବାପାଇଁ ମିଳିମିଶି କାର୍ଯ୍ୟ କରିବା ଉଚିତ। ଏକଥା ଅବଶ୍ୟ ବାସ୍ତବତା ଯେ ରାଷ୍ଟ୍ରୀୟ ସୁରକ୍ଷା ହିଁ ଏକମାତ୍ର ପ୍ରସଙ୍ଗ ଯେଉଁଥିପାଇଁ ଏହି ପଡ଼ୋଶୀ ଦ୍ୱୟ ପରସ୍ପର ସହିତ ଆଲୋଚନା କରୁନାହାନ୍ତି। କିନ୍ତୁ ସମଗ୍ର ବିଶ୍ୱରେ ବର୍ତ୍ତମାନ ଦେଶମାନେ ଅନୁଭବ କରିବାକୁ ଆରମ୍ଭ କଲେଣି ଯେ ସେମାନଙ୍କ ଦେଶ ଓ ଅର୍ଥନୀତିକୁ କ୍ଷତି ପହଂଚାଇ ଚାଲିଥିବା ଜଳବାୟୁ ପରିବର୍ତ୍ତନକୁ ରୋକିବାର ଦାୟିତ୍ୱ ଓ କର୍ତ୍ତବ୍ୟ ନିଜ ନିଜର କ୍ଷୁଦ୍ର ଭୂଖଣ୍ଡମାନଙ୍କର ସୁରକ୍ଷା ଅପେକ୍ଷା କୌଣସି ଗୁଣରେ କମ୍ ନୁହେଁ।

ଡକ୍ଟର ବାୟାମନୁ ଚର୍ଚ୍ଚି

ସହିଦ ଲକ୍ଷ୍ମଣ ନାୟକ

"ସୂର୍ଯ୍ୟ ଯଦି ସତ୍ୟ ହୋଇଥାଏ, ଚନ୍ଦ୍ର ଯଦି ସତ୍ୟ ହୋଇଥାଏ, ତେବେ ଭାରତମାତା ଯେ ସ୍ୱାଧୀନ ହେବ ତାହା ମଧ୍ୟ ସେହିପରି ସତ୍ୟ ହେବ । ଏଥର ଦେଖାଅ କେଉଁଠି ରହିଛି ତୁମର ଫାଶୀ ଖୁଣ୍ଟ ।" ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଭୋର ୫ଟା ବେଳେ ବ୍ରହ୍ମପୁର ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଆକ୍ରୋଶମୂଳକ ଭାବେ ବ୍ରିଟିଶରାଜର ଶାସନରେ ଫାଶୀଦଣ୍ଡ ପାଇଥିବା ଜଣେ ମହାନ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ଏହା ଥିଲା ଅଭିବ୍ୟକ୍ତି । ଅଧୀକ୍ଷକ ନାୟାର ଲକ୍ଷ୍ମଣଙ୍କ ଶେଷ ଇଚ୍ଛା ବ୍ୟକ୍ତ କରିବାକୁ କହିବା ବେଳେ ଏଭଳି ଧର୍ମୀୟ ଓ ଦେଶାତ୍ମବୋଧ ଭାବପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ ସହିଦ ଲକ୍ଷ୍ମଣ ନାୟକ ।

କୋରାପୁଟର 'ଭୂମିଆ' ଗୋଷ୍ଠୀର ଆଦିବାସୀ ହେଉଛନ୍ତି ଲକ୍ଷ୍ମଣ ନାୟକ । ଜନ୍ମସ୍ଥାନ ତେନ୍ତୁଳିଗୁମ୍ଫା ଏବଂ ଜନ୍ମ ୧୮୯୯ ମସିହା ନଭେମ୍ବର ୨୨ ତାରିଖ । ପିତା ପଦଲାମ ନାୟକ ଜଣେ ପ୍ରତିଷ୍ଠିତ ଆଦିବାସୀ ନେତା ଏବଂ ଜୟପୁର ରାଜାଙ୍କର ଥିଲେ ସେ ମୁସ୍ତାଦାର । ଗୋତି, ବେଠି, ଗଡମ ଆଦିବାସୀ ଦାରିଦ୍ର୍ୟର ମୁଖ୍ୟ କାରଣ ବୋଲି ହୃଦ୍‌ବୋଧ କରି ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ ଲକ୍ଷ୍ମଣ ।

୧୯୩୬ ମସିହା ଠାରୁ କୋରାପୁଟ ଜିଲ୍ଲାରେ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀଙ୍କ ଦୃଢ଼ ନେତୃତ୍ୱରେ ଜାତୀୟ କଂଗ୍ରେସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଲା । ମାତିଲି ହାଟରେ ଅନ୍ୟାୟ ଟିକସ ବିରୋଧୀ ଆନ୍ଦୋଳନ କରି ଲକ୍ଷ୍ମଣ ନାୟକ ୧୯୩୬ରେ ପ୍ରଥମ ଥର ପାଇଁ ଗିରଫ ହେଲେ । ୧୯୩୭ ଡିସେମ୍ବର ମାସରେ ଜୟପୁର ନିକଟବର୍ତ୍ତୀ ନୂଆପୁଟରେ କଂଗ୍ରେସ ତାଲିମକେନ୍ଦ୍ର ପ୍ରତିଷ୍ଠା ହେଲା । ଉଦ୍‌ଘାଟନ କଲେ କଂଗ୍ରେସ ନେତା ଗୋପବନ୍ଧୁ ଚୌଧୁରୀ । ଲକ୍ଷ୍ମଣ ନାୟକ ଏହି କେନ୍ଦ୍ରରେ ତାଲିମ ନେଲେ ।

ଗାନ୍ଧୀବାଦର ଭିତ୍ତି ହେଉଛି ସତ୍ୟ ଓ ସତ୍ୟର ପ୍ରୟୋଗ । ଏହା ଅହିଂସାରେ ବିଶ୍ୱାସ କରେ । ହିଂସା ପ୍ରଣୋଦିତ ବ୍ୟବସ୍ଥାକୁ ଅହିଂସା ଉପାୟରେ ଖଣ୍ଡନ କରାଯାଇପାରେ । ଅଞ୍ଚଳର ବିଶିଷ୍ଟ କଂଗ୍ରେସ କର୍ମୀ, ଜନପ୍ରିୟ ନେତା ନୀଳକଣ୍ଠ ପାତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଲକ୍ଷ୍ମଣ କଂଗ୍ରେସରେ ଯୋଗଦାନ କରି ଗାନ୍ଧୀବାଦକୁ ଆସ୍ଥା ପ୍ରକଟ କଲେ । 'ଚରମପନ୍ଥୀ' ଲକ୍ଷ୍ମଣ ନାୟକ 'ନରମପନ୍ଥୀ' ପାଲଟିଲେ ଏବଂ 'ମାଲକାନଗିରି' ଗାନ୍ଧୀ ଭାବେ ଆଖ୍ୟାପ୍ରାପ୍ତ ହେଲେ । ବାପାଙ୍କ ମୁସ୍ତାଦାର ପଦବୀରୁ ଖ୍ରୀ. ୧୯୩୦ରେ ଅବସର ପରେ ଲକ୍ଷ୍ମଣ ମୁସ୍ତାଦାର ହେଲେ । ୧୦୦ ଏକର ଜମି ଥିଲା ତାଙ୍କର । ମୁସ୍ତାଦାର ହେବା ପରେ କୃଷିର ଉନ୍ନତି, ଗଠନମୂଳକ କାର୍ଯ୍ୟ, ଗ୍ରାମ ପୁନର୍ଗଠନ, ନ୍ୟାୟନିଶାପ, ଶିଷ୍ଟୁ ଦାଖଲ ଆଦି କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ସହ ପରୋପକାରୀ, ନିର୍ଭୀକ, ସ୍ପଷ୍ଟବାଦୀ, ସୁବକ୍ତା, ଜାତିଆଣ ପ୍ରଥା ବିରୋଧୀ ମନୋଭାବ ତାଙ୍କୁ ଲୋକପ୍ରିୟ କରିଥିଲା । ନିଜର ନେତୃତ୍ୱ ବଳରେ ସେ ହେଲେ ମାତିଲି-ମାଲକାନଗିରି ପ୍ରାଥମିକ କଂଗ୍ରେସ ୟୁନିଟ୍‌ର ସଭାପତି । ଜୀବନଧାରା ବଦଳିଗଲା । ବେଶ ପରିପାଟୀ କଂଗ୍ରେସ ନେତାଙ୍କ ଭଳି ହେଲା ।

୧୯୪୦ ମସିହାରେ ମାତିଲି



ଅଞ୍ଚଳର ସତ୍ୟାଗ୍ରହ ପାଇଁ ଲକ୍ଷ୍ମଣ ନାୟକ ମନୋନୀତ ହେଲେ । ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ। ୧୯୪୦-୪୧ରେ ଅନ୍ୟ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହ ଜୟପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ରାମଗିରି ଫାଣ୍ଡି ଅନ୍ତର୍ଗତ ଇଲାକା ଏବଂ ମାତିଲି ପୋଲିସ ଷ୍ଟେସନ୍ ଇଲାକାରେ ସତ୍ୟାଗ୍ରହ କରି ନଅମାସ ପାଇଁ ସଶ୍ରମ କାରାଦଣ୍ଡ ଆଦେଶ ହୋଇଥିଲା । କିନ୍ତୁ ଚାରିମାସ ଜେଲଦଣ୍ଡ ପରେ ସମସ୍ତ କଂଗ୍ରେସକର୍ମୀଙ୍କୁ ମୁକ୍ତ କରାଗଲା । ଲକ୍ଷ୍ମଣ ନାୟକଙ୍କ ବ୍ୟକ୍ତିତ୍ୱ, କର୍ମନିଷ୍ଠା ଓ ଲୋକପ୍ରିୟତା ବଢ଼ିଗଲା । ୧୯୪୨ ଭାରତଛାଡ଼ ଆନ୍ଦୋଳନରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ ଓ ରାଧାମୋହନ ସାହୁ ଗିରଫ ହେଲାପରେ କୋରାପୁଟର ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ ଲକ୍ଷ୍ମଣ ନାୟକ । ଅଗଷ୍ଟ ୧୭ ତାରିଖ ଦିନ ସେ କଂଗ୍ରେସ କର୍ମୀଙ୍କୁ ଧରି କୋଗ୍ରାବେଡ଼ା ଓ କୁଣ୍ଟିପଲ୍ଲୀ ଠାରେ ଥିବା ମଦଦୋକାନ ନଷ୍ଟ, ସରଞ୍ଜାମ ଭଂଗ ନଷ୍ଟ, ତା' ପରଦିନ ସିନ୍ଧାବେଡ଼ାକ ମଦଦୋକାନ ଭଂଗା ଏବଂ ମୋତି ସିଂକୁ ପ୍ରରୋଚିତ ପରି ପୁଶପାଲ୍ଲୀ ମଦଦୋକାନ ଭଂଗା କାର୍ଯ୍ୟରେ ନିଜକୁ ସାମିଲ କଲେ । ଆଦିବାସୀମାନେ ବିଶ୍ୱାସ କଲେ ନୂତନ ଶାସନ ହେଲେ ଲକ୍ଷ୍ମଣ ନାୟକ ସେମାନଙ୍କର ରାଜା ହେବେ ।

୧୯୪୨ ଅଗଷ୍ଟ ୨୧ (ଶ୍ରାବଣମାସ କୃଷ୍ଣପକ୍ଷ ଶୁକ୍ରବାର) ଦିନ ଗାନ୍ଧୀଙ୍କ 'କର ବା ମର' ନୀତି ଆଧାରରେ ମାତିଲି ଥାନା ଅଭିମୁଖେ ଯାତ୍ରା କଲେ । ମାତିଲି ସଂଘର୍ଷରେ ଫରେଷ୍ଟ ଗାର୍ଡ଼ ଜି. ରାମାୟାଙ୍କ ପୋଲିସ ମାଡ଼ରେ ମୃତ୍ୟୁ ହୋଇଥିଲେ ବି ମିଥ୍ୟା ମକଦ୍ଦମା କରି ତାଙ୍କୁ ଗିରଫ କରାଗଲା ଏବଂ ତାଙ୍କୁ ଭି.ରାମନାଥଙ୍କ କୋର୍ଟରେ ଫାଶୀଦଣ୍ଡରେ ଦଣ୍ଡିତ କରାଗଲା । ଲକ୍ଷ୍ମଣ କହୁଥିଲେ- "ଆମେ ଅନ୍ୟାୟ କରିବୁ ନାହିଁ । ଅନ୍ୟାୟ ଟିକସ ଦେବୁନାହିଁ, କି ବୋଝ ବୋହିବାକୁ ବେଠିଆ ହେବୁନାହିଁ । ଯେ ଯେତେବଡ଼ ଅଧିକାରୀ ହେଉ, ଆମେ ଅସହଯୋଗ କରିବୁ । ଆମେ ସଭା କରିବୁ, ଆମ ମନଦୁଃଖ ହେଲେ ବଡ଼ପାଟିରେ କହିବୁ। ତୁମେ ଆମକୁ ଧର, ମାର, ଜେଲ ଦିଅ, ହାଣ କି କାଟ ଆମେ ଆପତ୍ତି କରିବୁ ନାହିଁ । ତୁମ ଉପରକୁ ହାତ ଟେକିବୁ ନାହିଁ । ଗାନ୍ଧୀ ମହାତ୍ମା ମନା କରିଛି । ଆମେ ମାଡ଼ ଖାଇବୁ, ମାଡ଼ ଦେବୁ ନାହିଁ କିନ୍ତୁ କଥା ମାନିବୁ ନାହିଁ।" ନିର୍ଦ୍ଧାରିତ ଦିନରେ ବ୍ରହ୍ମପୁର ଜେଲ୍‌ରେ ଲକ୍ଷ୍ମଣଙ୍କୁ ଫାଶୀ ଦିଆଗଲା। ଜାତୀୟ କବି ବୀରକିଶୋର ସେଦିନ ଲକ୍ଷ୍ମଣଙ୍କ ଉଦ୍ଦେଶ୍ୟରେ ଲେଖିଥିବା କବିତା-

ମରିନାହିଁ କେବେ ମୁଁ ମରିବି ନାହିଁ
ମୋ ପାଇଁ ଭାବନା
କରିବ ନାହିଁ ।
ମୋ ନିଜ ସ୍ମୃତି କରି ମୁଁ ସଙ୍ଗାଳି
ଯାଉଛି ଯିବି ମୋ
ପ୍ରାଣ ଦୀପ ଜାଳି ।"
କୋରାପୁଟର ପିଲାମାନେ ଗାଆନ୍ତି-
"ଲକ୍ଷ୍ମଣ ନାୟକ
ହେ ଲକ୍ଷ୍ମଣ ନାୟକ
ଦେଶ ଲାଗି ଫାଶୀ
ଖୁଣ୍ଟେ ଝୁଲାଇଲ ବେକ
ରଖିଗଲ ଓଡ଼ିଶାର ଟେକ ।"

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ଅକ୍ଷୟ କୁମାର ରାଉତ

ଶହିଦ୍ ଲକ୍ଷ୍ମଣ ନାୟକ

ପୂଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି। ଏହି ଭୂମର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ। ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ। ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ। ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ, ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ।

ଅଭିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ ଘେରା ମାଲକାନଗିରି ତା ଭିତରେ ଆଦିବାସୀ ଗାଆଁ ତେନ୍ତୁଳିଗୁମ୍ଫା। ଅଗନା ଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଂଚମୀ ବୁଧବାର ବିଛା ୮ ଦିନ କୁଆଁ କୁଆଁ ରାବ ଦେଇ ପଦଲମ୍ ନାୟକଙ୍କ ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ। ପଦ୍‌ଲମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆଁ। ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍‌ଲମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ। ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଙ୍ଗେ ସଙ୍ଗେ ଗୋରୁ ଗାଈ ପାଳନ ଓ ଶୀକାର କରି ଚଳୁଥିଲେ। ଲକ୍ଷ୍ମଣ ପିଲାଦିନ ବାପାଙ୍କଠାରୁ ଅକ୍ଷର ଲେଖି ଶିଖିଥିଲେ। ସେ ପାଖରେ ଥିବା କୋଲାବ ନଈରେ ସାଂଗ ସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ।

ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ଫା ଗାଁର ଘାସୀ ଭୂମିଆଙ୍କ ଝିଅ ମଙ୍ଗୁଳିଙ୍କୁ ବିବାହ କରିଥିଲେ। ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ। ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତାର ନାମ ରଘୁନାଥ। ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦେଇଥିଲେ। ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ। ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଂଚଳରେ ଜଣାଶୁଣା ହୋଇଗଲେ। କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତା ଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ନେଲେ। ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ଚାଲେ। ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ଲୋଡ଼ନ୍ତି।

ଲକ୍ଷ୍ମଣ, ସୀତା ରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ। ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ। ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କଲେ। ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ। ୧୯୩୬ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ। "କାଟି ପିନ୍ଧ ଓ କୁଟି ଖାଅ" ବାର୍ତ୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ।

କବିତାମାଳା

୫ ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୨ ନଭେମ୍ବର, ମଙ୍ଗଳବାର, ୨୦୨୨

ହେତୁବାଦୀ ପ୍ରେମିକ ଓ ଡେଉଁରିଆବନ୍ଧା ସ୍ତ୍ରୀ

ଅରୁଣ କୁମାର ସାହୁ

ପାଣିକାଚ ରୁଣୁଝୁଣୁ
ଶାଢୀ ଚୁଡି ସିନ୍ଦୁର ଅଳତା
ଦପ୍ ଦପ୍ ସିନ୍ଥି ଜଳେ
ଲାଲ ଓଠ ଫିକାଫିକା
ଔଦ୍ଧତ୍ୟମୁକ୍ତ ଭୁଲତା
ବାହୁରେ ବ୍ରତ କେରେ ହଳଦିଆ ସୂତା
ତା'ପାଖରେ ତୟା ଡେଉଁରିଆ
ଗୃହିଣୀ ରଙ୍ଗର ନାରୀ
ରାତିର ସନ୍ତୁଳା
ଡେଉଁରିଆଲଗ୍ନା ନାରୀକୁ ନେଇ
କି ସ୍ୱପ୍ନ ବା ଦେଖିହେବ
ବେପଥୁ ବା ସୁପ୍ତ ଶିହରଣ
ସଂସାରକୁ ଡେଇଁଯାଅ ହେତୁବାଦୀ
ବଜାର ତୋ ପାଇଁ ସଜ ସମାଜ ଅସଜ
ବଜାରେ ଚିଲିଚିକେନ ଯାହାକୁ ଯେମିତି ।

ଫୁଟ୍ ଫୁହେଇ ସଂକ୍ରାନ୍ତି
ଫୁଟ୍ ଫୁଟ୍...
ଗୁଳିମାର ରଥଯାତ୍ରା ଶିବରାତ୍ରି
ଗୋପୂଜା ଗହ୍ଣା ପୁହେଇ
ପଶ୍ଚିମର ନୂଆଖାଇ
ଆଦିବାସୀ ମକର ମେଳା
ଭାଇ ହାତରେ ରାକ୍ଷୀ
ପ୍ରଥମାଷ୍ଟମୀ ପିଠା
ଦୀପାବଳୀ ଅମାବାସ୍ୟା
ଗୁରୁବାର ମାଣବସା
ଅଭିରଖେଳ ଠାକୁର ମେଳଣ

ଫୁଟ୍ ଫୁଟ୍ ମାର ଗୋଲି
ମାଟି ମାଆ ରଜବତୀ
ଡେଉଁରିଆବନ୍ଧା ନାରୀର ଏ କଥା ସବୁ
ଛାଡଛାଡ ସଂସ୍କାର ଛାଡ
ଆଉ କିଛି ଖୋଜିବାର ଅଛି
ଆଉ କିଛି ବିଦେଶୀ ମାଲ୍ ପାଇବାର ଅଛି ।

ତୁମ ଏଡସ୍ ଆକ୍ରାନ୍ତ କ୍ଷୀଣ ତନୁ
ଡାକ୍ତରଖାନାରେ ଯେବେ ଘୃଣା ବିଛଣାରେ
ଔଷଧକୁ ମିତ୍ର କରି ଶୋଇ ରହିଥିଲ
ଷୋଳ ସୋମବାର ଆଉ ସାବିତ୍ରୀ ବ୍ରତ
ଲୁହ ପିଇ ଉପାସ ଆଶାରେ
ତୁମେ ପୁଣି ଫେରିଥିଲ
ଡେଉଁରିଆଲଗ୍ନା ବାହୁ ସାହାରେ
ସଂସ୍କାର ଓ ସଂସାର ପଥରେ ।

ବାହାରେ ବିରିୟାନୀ ବାଃ ବାଃ
ତୁମ ଆଘ୍ରାଣରେ ଲୋଭ ଲାଭ
ଛାଡଖାଇ ରଙ୍ଗର ପଶୁ ତୁମେ
ବୁଢା ଶାଗୁଣା ଜରଦଗବ
ଭକ୍ଷଣର ଭିକ୍ଷା ମାଗ ମାଂସ ଟୁକୁଡାଙ୍କୁ
ସୂର୍ଯ୍ୟଙ୍କୁ ଛେପ ଛାଟ ଚନ୍ଦ୍ରକୁ ଗୋଇଠା
ଶାସ୍ତ୍ରରେ ପିଚା ପୋଛ

ବୁଢାମାଷ୍ଟ୍ର ପଢୁଛି ଏବେ ବିଜ୍ଞାନ ପାଠ
ଡେଉଁରିଆରେ ତୁ ରହିଥା ରହିଯା
ରସିକିଆ ମାଷ୍ଟ୍ର ଏବେ
ମହାକାଶ ବିଜ୍ଞାନ ପଢୁଛି ।

ଠାକୁର ଫାକୁର
ସବୁ ତୁଚ୍ଛା ମନଗଢା କଥା
ପୁଅ ଝିଅ ସବୁ ମିଛ
ବିଜ୍ଞାନ ସତ୍ୟ ନାରୀ ଓ ପୁରୁଷ
ଗ୍ରହଣରେ ଦୋଷ ନାହିଁ
ଚନ୍ଦ୍ର କି ଚିକେନ
ଘର୍ଷଣରେ ଦୋଷ ନାହିଁ
ଝିଅ କି ପତିତା
ତୁମେ ବାଙ୍ଗିପାର ନିଜ ଝିଅ ଯୌବନରେ
ବୋହୂକୁ ଲୁଚି ଦେଖିପାର
ବାଥରୁମ୍ କବାଟ ଫାଙ୍କରେ
ତୁମେ କମ୍ପିପାର ସମ୍ପର୍କ ଭିତରେ
କି ଅଛି ଏ ଜନ୍ମଜନ୍ମାନ୍ତର ଅନ୍ଧ ବିଶ୍ୱାସ
ତୁମ ଜନ୍ମରେ କିଛି ବିନ୍ଦୁ ପଡିଥିଲା
ମିଛ ହିନ୍ଦୁ କଳାପାହାଡ
ବାପ ସାଙ୍ଗିଆଟା ଯାହା ତୁଚ୍ଛା ମିଳିଗଲା ।

ବାର୍ଦ୍ଧକ୍ୟର ବିକୃତି ତୁମେ
ପ୍ରକୃତି ଖରାପ
ଝଗଡାର ବିଜ୍ଞ ବିଶାରଦ
ଭୋକିଲାର ଅଖାଦ୍ୟ ତୁମେ
ସଂପର୍କର ରକ୍ତଖିଆ ଜୋକ
ଆକାଶରେ କିଛି ନାହିଁ
ତୁମେ ହିଁ ତ ଆମଘର ରାହୁ
ଭିନ୍ନ ଏକ କେତୁ ତୁମେ ବିକୃତ ରଙ୍ଗର
ଅନ୍ୟ ଏକ ହେତୁଶଙ୍କର ମାଡୁଆ
ବର୍ଣ୍ଣର ।

❤ ଡିଜିଏମ୍ (ନାଲକୋ)
ମୋ: ୯୪୩୭୧୫୫୬୧୭

ବଂଦିନୀ ପାଟରାଣୀ

ରତ୍ନାକର ରାଉତ



ସୁଉଚ୍ଚ ଅଟ୍ଟାଳିକା
ବିଶାଳକାୟ ସୁରମ୍ୟ ରାଜପ୍ରାସାଦ
ବୈଭବମୟ,
ତନମଧ୍ୟରେ ଐଶ୍ୱର୍ଯ୍ୟ ହିଁ ଐଶ୍ୱର୍ଯ୍ୟ,
ନିବିଡ଼ ସୌକୁମାର୍ଯ୍ୟରେ
ଛୁଇଁଥାଏ ପ୍ରତ୍ୟେକ ଶିଳାଖଣ୍ଡ ।

ଅତିକାୟ ବାତାୟନ
ସମୀରର ହିଲ୍ଲୋଳ
ଉଚ୍ଚକିତ କରୁଥାଏ ପ୍ରାଣମନ ।

କୋଠରୀର ଚତୁଃପାର୍ଶ୍ୱ ଉନ୍ମୁକ୍ତ
ଭରିରହିଥାଏ ଉପାସନା କକ୍ଷରେ ନୀରବତା
ତା' ଭିତରେ ଶଙ୍ଖଶୁଭ ଦୀର୍ଘତନ୍ୱୀ
ଅନିନ୍ଦ୍ୟ ସୁଂଦରୀ ପାଟରାଣୀ ବଂଦିନୀ ।

ଆଭୂଷଣରେ ଝଟକୁଥାଏ କମନୀୟ କାନ୍ତି
ସକଳ ପ୍ରାଚୁର୍ଯ୍ୟର ସୌରଭ
ମୁଣ୍ଡ ପିଟୁଥାଏ ପାଦତଳେ,
ମାତ୍ର ଚାଲିରେ ନଥାଏ ତାଙ୍କର ମାଦକତା
ବିଶ୍ୱ ଅଧରରେ ଚମକୁ ନଥାଏ
ସ୍ମିତ ହାସ୍ୟର ଅମଳିନ ରେଖା
ଅଭ୍ରଧବଳ ମେଘ ଦେହରେ
ଚମକିଲା ଭଳି ବିଜୁଳି ।

ଉଦାସ ଚାହାଣୀରେ ନଥାଏ ଅସରନ୍ତି
କାହାଣୀ
ଆଷାଢ଼ ଆକାଶର କୁଆଁରୀ ମେଘଭଳି
ଉହ୍ଳେଇ ପଡ଼ିଥାଏ ବେଦନା
ସକଳ ଐଶ୍ୱର୍ଯ୍ୟର ସମ୍ଭାର ମଧ୍ୟରେ
ପାଟରାଣୀ ବଂଦିନୀ ।

ସେ ପାଟରାଣୀ
ଅନେକ ଅଙ୍କୁଶ,
ଅଦୃଶ୍ୟ ଜଂଜିରକୁ ଛିଣ୍ଡେଇ ଯିବାର
ଅଦମ୍ୟ ଆକାଙ୍କ୍ଷା କୁହୁଲୁଛି,
ତନୁରେ ତନୁରେ ଅନ୍ତର ତଳର ଦାବାନଳ
ବେଳେ ବେଳେ ପ୍ରତିକ୍ରିୟାଶୀଳ
ହୋଇ ଉଠୁଛି ଅଶାନ୍ତ ସମୁଦ୍ର ।

ଶୃଙ୍ଖଳର ଶିକୁଳି ଅସ୍ୱାଭାବିକ ଭାବେ ଦୃଢ଼
ଅସହାୟ ପାଟରାଣୀ
ଐଶ୍ୱର୍ଯ୍ୟର ମଂଦିରରେ ସେ ବଂଦିନୀ ।

ସେ ପାଟରାଣୀ,
ସଭିଙ୍କର ତାଙ୍କ ଉପରେ ଦୃଷ୍ଟି
ରାଜା, ପାରିଷଦ, ରାଜ କର୍ମଚାରୀ,
ସକଳ ପ୍ରଜା ସମସ୍ତେ ଅନେଇଛନ୍ତି ତାଙ୍କୁ ।

ପାଟରାଣୀ ଦାଣ୍ଡକୁ ଗୋଡ଼ ବଢ଼େଇଲେ
ରାଜବଂଶରେ ଲାଗିଯିବ କଳଙ୍କ ।
ରାଜଜେମାଏ ଅମଡ଼ା ମାଡ଼ିବେ
ପତିତାଳୟରେ ରାଜକୁମାର ମାନେ
ପୁହାଇବେ ବିନିଦ୍ର ରଜନୀ
ରାଜା ତ' ସହଜେ ପୁରୁଷ ସିଂହ ।

ପ୍ରଜାଏ ଟୁପୁରୁ ଟାପୁରୁ ହେବେ
ରାଜାଙ୍କ ଅନ୍ତରରୁ ଶୁଭିବ
ପ୍ରତିକ୍ରିୟାର ପ୍ରତିଧ୍ୱନି ।
କିଛି ଘଟୁ ଅବା ନଘଟୁ
ସୃଷ୍ଟି ହୋଇଯିବ ଅସହଣୀୟ
ଅଭାବନୀୟ ପରିସ୍ଥିତି ।

ପାଟରଣୀର ଅଭୂଷଣ ମଧ୍ୟରେ
କେତେକାଳ ଆଉ ସନ୍ତୁଳିତ ହେବ
ନାରୀଟିଏ ?
କେଉଁଦିନ ହୁଏତ ସୁପ୍ତ ଆଗ୍ନେୟଗିରି
ହଠାତ୍ ଜୀବନ୍ତ ହୋଇ ଯାଇପାରେ
ଉଦ୍‌ଗତ ଲାଭାର ଉତ୍ତାପକୁ
ପ୍ରତିହତ କରିପାରିବ ତ'
ଶିକୁଳିର ଶୃଙ୍ଖଳ ?

କେତେକାଳ କୁହୁଲୁଥିବ ଏମିତି
ପାଉଁଶ ତଳର ନିଆଁ ?

❤ କ୍ୱାର୍ଟର ନଂ ସି-୭
ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨

ନିର୍ବାଣ ବେଳାରେ

ପ୍ର. ଜିରିଜା ଶଂକର ଶର୍ମା

ବିଦାୟ ପୂର୍ବରୁ ଦେଖିନିଅ ଥରେ
ବନ୍ଧୁ, ବାନ୍ଧବ, ଜ୍ଞାତ, କୁଟୁମ୍ବଙ୍କ ମୁହଁ ।
ସେ ଜାଗାର ପଛପତ୍ର ମାଟି ପାଣି ଓ
ପବନ ।
ରହି ରହି ହୁଂକାରି ଉଠୁଥିବା
ବେଦନା ଜର୍ଜରିତ ଦିନ ।
ଏବେ ହସକାନ୍ଦର ଦୁନିଆରୁ
ଉଭେଇ ଯାଇଛି ହସ
ଦୁଃଖ ହିଁ ଗୋଟିଏ ଶବ୍ଦ ଯାହା ଯାଗା
ବଦଳାଏ
ବଢ଼ିଯାଏ ଆୟତନରେ ।

ଏ ଦୁନିଆରେ ସବୁଆଡ଼େ ନିଆଁ
ତା' ଶିଖାରେ ଜଳିଯାଏ ଗର୍ବ ଅହଂକାର
ଏବଂ ଯେତେ ସବୁ ମନର ବିକାର
ଏ ସମସ୍ତଙ୍କୁ ବିଦାୟ ଦେଇ, ଆଗକୁ ଚାଲ

ବିଦାୟ ପୂର୍ବରୁ ଖୋଲିଦିଅ ଶିରସ୍ତ୍ରାଣ
ସାଂଜୁ ଆଉ ଡାଲ
ଯେତେ କମ ଆଭରଣ ସେତେ ଭଲ ।
ଆଗକୁ ଯୁଦ୍ଧ ନାହିଁ, ଶାନ୍ତିର ସାମ୍ରାଜ୍ୟ ଲମ୍ବିଛି
ଏଇଠି ଉତାରି ଦେବାକୁ ହେବ ସବୁ
ପରିଧାନ ।
ତମେ ଦେଖାଯିବ ଏକ ସିଲହଟ ପରି,
ଆଲୁହର ପ୍ରଚ୍ଛଦରେ ତୁମର ଆକାର
ଆଗେଇ ଯାଉଥିବ ଶାନ୍ତିର ସଂଧାନରେ ।

ତୁମେ ବହୁଥିବ ଆଗକୁ ଆଗକୁ
ତୁମ ସାଥିରେ କେହି ନଥିବେ
ଥିବ କେବଳ ତୁମେ ଅର୍ଜିଥିବା
ପାପ ଓ ପୂଣ୍ୟର ତାଲିକା
ସେ ହିଁ କହିବ ଆଗର ରାସ୍ତା
ତୁମେ ଧିରେ ଧିରେ ବିନ୍ଦୁଟିଏ ପାଲଟିବ
ତା' ପର ମୁହୂର୍ତ୍ତରେ
ଆଖି ଆଉ ଦେଖି ପାରିବନି ତୁମକୁ ।
ତୁମେ ମିଶି ପାରିଥିବ ମହାଶୂନ୍ୟରେ
ଜ୍ଞାତ କୁଟୁମ୍ବ ପରିଜନ ଯାହା ଅନେଇ
ରହିଥିବେ ଊର୍ଦ୍ଧ୍ୱକୁ
ଆକାଶର ଅନ୍ତହୀନ ପରିବ୍ୟାପ୍ତିକୁ ।

❤ ସୋନାପାଲି, ଧନକଉଡ଼ା,
ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

ଲୁହ ଲହୁ

ଶ୍ରୀ ଚନ୍ଦ୍ରଶେଖର ସାହୁ

ହୃଦୟକୁ ଜଣା ପଡ଼ିନଥିବା କ୍ଷତରୁ
ଝରଣା ପରି ଲହୁ ଝରେ
ଲହୁକୁ ନେଇ ହିଂସା ଚାଲେ, ଯୁଦ୍ଧ
ବଢେ
ତଥାପି ମନ ବୁଝେନା
ମାଟି ଲାଲ୍ ହୁଏ
କେହି ଜଣେ ଇତିହାସ ଲେଖେ ।

ହୃଦୟ ଯେତେବେଳେ ବୁଝେ
ଆଖିରୁ ଲୁହ ଝରେ, କବିତା ଲେଖାଯାଏ
ଅନ୍ୟ ଦୁଃଖକୁ ନିଜର ବୋଲି ଭାବେ
ବୁଝୁଥିବା ଶବ୍ଦକୁ ଯୋଡି ଗପ କୁହାଯାଏ
ଯୁଗ ଯୁଗ ଧରି ଲହୁ ଲୁହକୁ ଫେଣ୍ଟି
ଅନ୍ୟ ଉପରେ ଜୁଲମ୍ ହୁଏ
ଶାସନ କରାଯାଏ ଈଶ୍ୱରଙ୍କୁ ।

କୋପ ଶାନ୍ତି ପାଇଁ ଲହୁ ଖୋଜାଯାଏ
ଲହୁର ଗ୍ରନ୍ଥି ସବୁ ଯୋଡ଼ି
ହୋଇଛି ହୃଦୟକୁ
ଲୁହ କିନ୍ତୁ ହୃଦୟର କଥା କହେ ।
ବୁଝିଯାଏ ବୋଲି ସବୁକୁ ଆପଣାର
କରିନିଏ
ଜୀବନର ଶେଷ ନିଶ୍ୱାସରେ ।

ଲୁହ ନଥାଏ ଆଖିରେ
ଲହୁ କିନ୍ତୁ ଜମାଟ ବାନ୍ଧିଥାଏ
ସାରା ଦେହରେ
ହୃଦୟକୁ ନୀର୍ଜୀବ କରିନିଏ
ଏଣୁ ଲହୁ ଛଳନାରେ ନୁହେଁ
ନିଛକ ସତ୍ୟରେ ପରିଣତ ହୋଇଯାଉ ।

❤ କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭

ଶୀତ ରାତିର ଚିଠି

ଅନିତା ରାୟ

କେବେ ଥରୁଟିଏ ଲେଖିଥିଲି ଚିଠି
ଛିଟା ଛିଟା ଅକ୍ଷରରେ
ଆଜି ବି ଖୋଜଇ ସେ ଶବ୍ଦ ଝଙ୍କାର
ଏଇ ମଧ୍ୟ ବୟସରେ ।

ଆସିଥିଲା ଶୀତ ମାଟି ଅଗଣାକୁ
ଝରକା ମୋ ଖୋଲା ଥିଲା
ଶୀତଳ ପବନ ଲେସି ହେଲା ଯେବେ
କେତେ କଥା ପଚାରିଲା ।

ସେଇ ଶୀତ ରାତି ହସୁ ଥିଲା ଯେବେ
ଡେରି ହୋଇ ଝରକାରେ
କାହାର କଳ୍ପନା ଦରଜା ଏପାଖେ
ଛୁଇଁ ଦେଲା ଧୀରେ ଧୀରେ ।

ନିଃଶବ୍ଦ ନିଃଶବ୍ଦ ଅସରନ୍ତି ତାରା
ଆକାଶରୁ ଚାହୁଁଥିଲେ
ଲାଜରେ ଲେଖିଲି ପ୍ରୀତି ର କବିତା
ସେ ସୁ ସେ ପଢି ଦେଲେ ।

ଠିକଣା ଲେଖିଲି ପାହାନ୍ତି ଶେଷରେ
ଶୀତ ନଇଁ ଦେଖୁଥିଲା
ଉଦାସୀ ମନର ଅକୁହା ଭାଷାକୁ
କେମିତି ସେ ବୁଝି ଗଲା ।

❤ ଡୁମୁଡୁମା ହାଉସିଂ ବୋର୍ଡ
କଲୋନୀ
(ମୋ) ୭୯୭୮୯୭୯୫୩୬

ଲୁହ ଭରା ଆଖି

ବିଶ୍ୱନାଥ ନାଏକ

ଲୁଚାଇ ରଖିଛି ଆଖି ର ଲୁହ
ମନରେ ରହିଛି ଅନେକ କୋହ ।
ଦୁଃଖ ଦେଖି ଦେଖି ଏ ଆଖି ଦୁଇ
ହସର ଲୁହକୁ ଭୁଲି ସେ ଯାଇ ।
ହସି ବାକୁ ଯେବେ ହୁଅଇ ଇଚ୍ଛା
ମନେ ପଡିଯାଏ କିଛି ପୁରୁଣା କଥା ।
କାହିଁ ସେ ଖୁସି ଗଲା କୁଆଡେ
ଲୁହରେ ଭିଜୁଛି ମୁଁ ଚାରିଆଡ଼େ ।
ଯେବେ ମନେପଡେ କିଛି ପୁରୁଣା ସ୍ମୃତି
ଝରଝର ଲୁହ ଝରାଏ ଆଖି ।
ଖୋଜି ବୁଲୁଛି ମୁଁ ପୁରୁଣା ଖୁସି
ବାଦଲ ଗହଣରେ ଲୁଚିଯାଇଛି ଖୁସି ।
ଆଖି କହୁଛି ତୁ ଝରାନା ଲୁହ
ଚାଲି ଯିବ ଦିନେ ଏ ସମୟ ।

❤ ଗ୍ରାମ/ ପୋଷ୍ଟ - ଅର୍କଳ,
ଜିଲ୍ଲା- ଅନୁଗୋଳ, ଓଡ଼ିଶା
ମୋ-୭୮୪୬୯୪୯୮୫୦

ମହିଷା

ପ୍ରିୟନାଥ ପାଣି

ଭକ୍ତର ବିହ୍ୱଳିତ କଣ୍ଠରୁ ଶୁଭୁଥାଏ ମାଆର
ଆବାହନୀ ମନ୍ତ୍ର
ନିର୍ମଳ ଶରଦରେ ତନ୍ମୟ ହେବାର ତନ୍ତ୍ର
ମାଆ ଆସେ ଉତ୍ସୁକତାରେ
ଫୁଲମାନେ ବି ଆହୁରି
ଫୁଲେଇ ହୁଅନ୍ତି ।
ହେଲେ ମାଆ ଡରି ଡରି
ପାଦ ପକାଏ ଏଠି ସେଠି ସବୁଠି କେବେ
ଲକ୍ଷ୍ୟରେ କେବେ ଅଲକ୍ଷ୍ୟରେ
ତା' ଭଳି କେତେ ଦେବୀ ଏଠି ରୁଣ୍ଡ
ଦର୍ପରେ ନୁହେଁ କାକୁସ୍ତୁରେ ।

ମାଆ ହାତରେ ମହିଷା ମରିଛି ....
ନା ତ
ଏବେବି ସେ ବିକଟାଳ ହସ ହସେ
ମେଦିନୀ କମ୍ପାଏ
ମୋହିନୀକୁ କୋଳରେ ବସାଏ
ଅଘୋରୀ ରୂପରେ ।

ମହିଷାର କବ୍‌ଜାରେ ଏବେ ଦେବୀ
ଦେବୀ ନିରସ୍ତ୍ର ନିରୁପାୟ
ଯୋଡହସ୍ତରେ ନେହୁରା ଟିକକ ଧରେଇ
ପାପିଷ୍ଠ ପାଦରେ
ମୁଣ୍ଡ କୋଡି
ସତୀତ୍ୱର ଭିକ୍ଷା ମାଗେ ।

ମହିଷା ...
ଦେବୀର ମୁକୁଳା ଛାତିର ଗନ୍ଧ ବାରେ
ଲହ ଲହ ଜିହ୍ୱାରେ
ଆସ୍ୱାଦ କରେ
ମହିଷା ପାଖରୁ ଦେବୀ ହାରେ
ଦେବୀ ନିତି ମରେ
କେତେ କାଇଁ ବିଭତ୍ସରୂପରେ
ଶାସ୍ତ୍ର ମିଛ ହୁଏ
ମହିଷାର ସ୍ତୋତ୍ର
ଯେବେ ଉଚ୍ଚାରିତ ହୁଏ ।

❤ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧

ବାଆଁରା ପକ୍ଷୀ

ହରିଶ୍ଚନ୍ଦ୍ର ବେହେରା

ବାଆଁରା ପକ୍ଷୀ ମୁଁ ଉଡ଼େ ଆକାଶରେ ଠିକଣା ମୋ ଜଣା ନାହିଁ
କେଉଁ ରାଜ କନ୍ୟା ଡାକିଛି ପାଖକୁ ନୀଳ ପଦ୍ମତୋଳା ଗାଇ
କେତେ ଗିରିବନ ପାହାଡ଼ ସମୁଦ୍ର ଆସିଛି ଅଟିରେ ଡେଇଁ
କୀଟ ରୁ ପତଙ୍ଗ ସ୍ଥାବରୁ ଜଂଗମ କିଏ ମୋତେ ଚିନ୍ହି ନାହିଁ ।

କେତେ ଖରା ଆଉ ବରଷା ନିଶିରେ ହଜିନି କାକଳି ମୋର
କେତେ ଲୁହ ଝରେ ସେଇ କାକଳି ରୁ କେବଳ ଜାଣିଛି ମୁହିଁ
କେହି କହିନାହିଁ କିଏ ମୋର ମାଆ କେଉଁଠି ଘର ମୋହର
ନୀଡ଼ ବାହୁଡ଼ା ର ଗୀତଟେ ଏଯାଏଁ ମୁଁ ତ ଗାଇ ପାରି ନାହିଁ ।

ଡେଣାରେ ମୋର ଯେ କେତେ ଆତ୍ମୀୟତା ପବନ ଜାଣେ ସେ କଥା
କେତେ ଖରା ବର୍ଷା ଶୀତର ସନ୍ତକ ଧରି ରଖିଛି ଏ ଦେହ
ସମୟ ହିଁ ଜାଣେ ଛାଇ ଆଲୁଅର ଅନ୍ତର ତଳର ବ୍ୟଥା
ଉପରେ ଆକାଶ ତଳେ ଧରଣୀର ପାଇଛି କେତେ ଯେ ସ୍ନେହ ।

କେତେ ଗଛ ଡାଳେ ରାତି ବିତେଇଛି କରି ପାରିନି ନିଜର
ଅକାତରେ ମୋତେ କୋଳ ଦେଇଛନ୍ତି ଭୁଲି ପର ଆପଣାର ।

❤ କଲ୍ୟାଣ ନଗର, ବାଲେଶ୍ୱର - ୧
ମୋ: ୯୪୩୭୮୧୩୭୦୮

ଶୀତ:ଚାରିଟି ସ୍କେଚ୍

ପୁଷ୍ପାଞ୍ଜଳି ପଣ୍ଡା

॥ ଶୀତ-୧ ॥

ତା ଦେହରେ କିଛି ନାହିଁ !
ନା କପଡା ,ନା ଫ୍ରକ୍ ନା ଲୁଗ !!
ଖାଲି ଦେହରେ ରେ ଅଖା ଗୁଡେଇ
ବତୀ ଖୁଣ୍ଟରେ ଦେହ ଆଉଜେଇ
ଠିଆ ହୋଇଛି ଶୀତ....!!
ଜାଡ ଶୀତ କୁ ବେଖାତିର କରି
କଣ ସବୁ କହୁଛି ,ଗପୁଛି
ନିଆଁ ନଥାଇ ଧୁଆଁ ବାହାରି ଯାଉଛି ତା
ପାଟିରୁ
ରାତି ର ଆୟୁଷ ବଢୁଛି
ଶୀତୁଆ ସନ୍ଧ୍ୟା ପରଠୁ.....!!!

॥ ଶୀତ-୨ ॥

ମଗୁଶିର ମାଣ ଧାନ ଜମିରେ
ଲହଡ଼ି ଭାଙ୍ଗୁଛି ସ୍ୱର୍ଣ୍ଣ, ତୁଳସୀ, ଲଲାଟ ।
ଘନ ପଧାନ ସ୍ୱପ୍ନ ର ରଙ୍ଗ
ହଳଦିଆ ହେବାକୁ ଯାଉଛି ।

ଧାନ ଗଦା ମାଡିବାକୁ, ବାଡେଇବାକୁ
ଖଳା ଉଠାକୁ, ଖିରି ଖେଚୁଡିର
ଉତ୍ସବ ଆରମ୍ଭ କୁ ଅପେକ୍ଷା ॥
ପ୍ରଚଣ୍ଡ ଜାଡରେ ନିଆଁ ଉହ୍ଳେଇରେ
ଶେକି ହେଉଚଛି ସାଙ୍ଗ ସୁଙ୍ଗା ହୋଇ
ଦି,ଅଢେଇ ଯୋଡ଼ା ହାତ...!!

॥ ଶୀତ-୩ ॥

ଚାଳ ମଥାନ ଉପରୁ
ସୁରୁଜ ଉଠିଆସିଲେ
ବାଡି ଗଡିଆରେ
ମୁଣ୍ଡ ହଲାନ୍ତି ସିଙ୍ଗି, ମାଗୁର, ଶେଉଳ ।
ଅତୁଠ ପଙ୍କ କାଦୁଅରେ
ପୋତିଥିବା ଗେଣ୍ଡୁ ଡାଳରେ
ଏବେ ମାଳମାଳ ସୁନ୍ଦର ହଳଦିଆ
ଗେଣ୍ଡୁଫୁଲ..!!
ଗାଁ ଦାଣ୍ଡରେ କେନ୍ଦେରାଗୀତ ଗାଇ ଗାଇ
ଯାଉଥାଏ ଯୋଗୀ ଘର ପୁଅ
ଖରା ପୋଉଁଥିବା ନଣ୍ଡା ବୁଢ଼ା
କାନଡ଼େରି ଶୁଣୁଥାଏ
ହେଁସରେ ଶୋଇ ଶୋଇ ॥

॥ ଶୀତ-୪ ॥

ଛକ ଉପରେ
ବାଙ୍ଗ ଉଠା ଚା କପ୍ ରେ
ଚୁମା ଛାଇ ହେଇ ଯାଉଥିବ
ବାଙ୍ଗ ଯେତେ ଉଠୁଥିବ
ଧିରେ ଧିରେ ଆସର ଜମୁଥିବ ॥
ଗୋଟିଏ ନିଆରା ଖୁସୀରେ
ଆଶ୍ୱସ୍ତ ର ଅନୁଭବରେ
ଶୀତ ମଗ୍ନା ଭାବ,
ଶୀତୁଆ ସକାଳର
ସୁଦୃଶ୍ୟ ନବରାଗ ॥

❤ ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା

ଏ କି ପ୍ରକାର ପ୍ରତିଶୋଧ

ଦୀନବଂଧୁ ବେଜ

ଦୁହେଁ ଦୁହିଁଙ୍କୁ ଖୁବ୍ ଭଲ ପାଉଥିଲେ,
ସତେକି କ୍ଷୀର ନୀରର ସଂପର୍କ ଦୁହିଁଙ୍କର,
ଶ୍ରଦ୍ଧା ଛୁଉଁଥିଲା ଆକାଶର ଶେଷ ସୀମାକୁ
ରାଜି ନହେବାରୁ କନ୍ୟାର ଅଭିଭାବକ
ରାଜଧାନୀରେ ବସାଇଲେ ବାସସ୍ଥଳୀ
ଶ୍ରଦ୍ଧାର ପବିତ୍ର ବନ୍ଧନର ଆକର୍ଷଣ ମୋହ...
ଝଗଡ଼ା ସୃଷ୍ଟି କରୁଥିଲା କାରଣ ହୋଇ ।

ହଠାତ ପୁରୁଷର ସ୍ପର୍ଦ୍ଧା ଶେଷ କରିଦେଲା
ନିରିହ ଶ୍ରଦ୍ଧାର ଜୀବନ ନାଟିକାକୁ
ନୂଆ ଶୀତଳୀକରଣ ଯନ୍ତ୍ର ଭିତରେ
ଅଠର ଦିନ ପର୍ଯ୍ୟନ୍ତ ପ୍ରେମର ସନ୍ତକ
ମୁହଁ ମାଡି କଇଁ କଇଁ କାନ୍ଦୁଥିଲା .....
ପ୍ରତ୍ୟେକ ଦିନ ରାତିରେ ଜଙ୍ଗଲରେ
ତାକୁ ଫିଙ୍ଗିଲା ବେଳେ ଜଲ୍ଲାଦ ପ୍ରେମିକ ।

ମୋ ପ୍ରେମିକ ଖାଣ୍ଟି ସୁନା କହି
ଫନ୍ଦିରେ ଝିଅଟି ମରୁଛି... ମରୁଛି,
ସାଥିରେ ଅନ୍ୟ ଝିଅଙ୍କୁ ହୃଦୟ ଭିତରୁ
ମରିବାକୁ ପ୍ରେରିତ କରୁଛି
ଆଉ କେତେ ଦିନ ଏମିତି ଧରାପଡି
ମରୁଥିବେ ପିଶାଚଙ୍କ ପଞ୍ଜାରୁ ।

ହେ ମୋର...ଆମର ...
ଆମ୍ଭ ସମସ୍ତଙ୍କର... ଝିଅମାନେ
ସ୍ୱର୍ଗରୁ ଥାଇ ଥରେ ଆଖି ଖୋଲି ଦେଖ
ତାଙ୍କ ଦେହର ଭୋକ କିପରି ମେଣ୍ଟେଇଛ,
ଧୁନ୍ଦି ଯାଉଛି ଚାରିଆଡୁ ଆମରି ବିବେକ
ନିଜ ଆଖପାଖରେ ଏ କଣ ଘଟିଯାଉଛି
ଭାବିଲେ ଲାଗୁନାହିଁ ଭୋକ ଆଉ ଶୋଷ

ଏମିତି ଘଟଣାରେ ଜଦି ନହେବା ସତର୍କ
ଆମପାଇଁ ଭଗବାନ ହୋଇଯିବେ ମୁର୍ଖ !!!

❤ ମାଲାକାନଗିରି, ଓଡ଼ିଶା
(ମୋ) ୭୬୮୩୯୨୦୨୨୧

ଅକ୍ଷୟ ପ୍ରଧାନ ସ୍ମୃତି ସମାରୋହ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଶ୍ରମିକ ଓ କମ୍ୟୁନିଷ୍ଟ ନେତା, ସିପିଆଇର ପୂର୍ବତନ ରାଜ୍ୟ ସହସମ୍ପାଦକ, ବିପ୍ଳବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୨ତମ ରାଜ୍ୟ ସ୍ତରୀୟ ସ୍ମୃତି ସମାରୋହ ଆଜି ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଂସଦର ସଭାପତି ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସ୍ମୃତି ସଂସଦର ସମ୍ପାଦକ ମହେଶ୍ୱର ରାଉତ ପ୍ରାରମ୍ଭିକ ସୂଚନା ଦେବା ପରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ବିଶିଷ୍ଟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ବିଧାୟକ ଶଶୀଭୂଷଣ ବେହେରା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ ସିପିଆଇ(ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ- ଭଗବତୀ ପାଣିଗ୍ରାହୀଙ୍କ ପରି ଅକ୍ଷୟ ପ୍ରଧାନ ଖୁବ୍ କମ୍ ବୟସରେ ଆମଠାରୁ ବିଦାୟ ନେଇ ଚାଲିଗଲେ, ଯେତେବେଳେ କି ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନ ତାଙ୍କଠାରୁ ବହୁତ କିଛି ଆଶା କରୁଥିଲା । ଆଜି ଭାରତବର୍ଷରେ ସାମ୍ପ୍ରଦାୟିକ ଫାସିଷ୍ଟ ଶକ୍ତିମାନେ ଦେଶର କେନ୍ଦ୍ର କ୍ଷମତାକୁ ଅକ୍ତିଆର କରି ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବିପନ୍ନ କରିବା ସହିତ ଭାରତବର୍ଷର ଆତ୍ମା ବିବିଧତା ମଧ୍ୟରେ ଏକତାକୁ ଧ୍ୱଂସ କରିବାକୁ ଉଦ୍ୟମ ଚଳାଇଛନ୍ତି, ସେତେବେଳେ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇପାରିଲେ ଅକ୍ଷୟ ପ୍ରଧାନଙ୍କ ପ୍ରତି ତାହା ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

ଚାରି ବର୍ଷ ହେଲା ପଦମପୁର ରେଳଲାଇନ୍ କଥା କହି ଭୁଆଁ ବୁଲାଉଛି କେନ୍ଦ୍ର : ବିଜେଡି

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ୨୦୧୮, ଡିସେମ୍ବର ୧୫ ତାରିଖରେ ବରଗଡ଼ ଷ୍ଟେସନରୁ ଭାୟା ପଦମପୁର ଦେଇ ନୂଆପଡ଼ା ରୋଡ଼ ଷ୍ଟେସନ୍ ପର୍ଯ୍ୟନ୍ତ ଏକ ନୂତନ ରେଳଲାଇନ୍ ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଥିଲେ । ଏ ନେଇ ସେ ବିଧିବଦ୍ଧ ଭାବେ ଟୁଇଟ୍ କରି ସୂଚନା ମଧ୍ୟ ଦେଇଥିଲେ । ଇତିମଧ୍ୟରେ ଏହି ଘୋଷଣାକୁ ଚାରି ବର୍ଷ ପୂରିବାକୁ ଯାଉଛି । ମାତ୍ର ଏ ନେଇ ରାଜ୍ୟ ସରକାର ବାରମ୍ବାର ରେଳ ମନ୍ତ୍ରଣାଳୟକୁ ଜଣାଇ ଆସୁଥିଲେ ହେଁ ଏଯାଏ ଏହି ରେଳଲାଇନ୍ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିନାହିଁ । ତେଣୁ ରେଳଲାଇନ ମଞ୍ଜୁର ହୋଇଥିବା କଥା କହି ଚାରି ବର୍ଷ ହେଲା କେନ୍ଦ୍ର ସରକାର ପଦମପୁରବାସୀଙ୍କୁ ଭୁଆଁ ବୋଲି ଆସୁଛନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ରେଳ ମନ୍ତ୍ରଣାଳୟ ନିଜ ପ୍ରତିଶ୍ରୁତି ରକ୍ଷା କରି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ବିଜେଡି ସାଂସଦ ଡ.ସସ୍ମିତ ପାତ୍ର ଦାବି କରିଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର ଏ ସଂପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ ବରଗଡ଼ ଷ୍ଟେସନରୁ ଭାୟା ପଦମପୁର ଦେଇ ନୂଆପଡ଼ା ରୋଡ଼ ଷ୍ଟେସନ୍ ପର୍ଯ୍ୟନ୍ତ ଏକ ନୂତନ ରେଳଲାଇନ୍ ପ୍ରକଳ୍ପକୁ କେନ୍ଦ୍ର ମଞ୍ଜୁର କରିଥିଲେ । ଆଜିକୁ ଚାରି ବର୍ଷ ହେଲା ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀ ବାରମ୍ବାର ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ରେଳଲାଇନ୍ ତ ଦୂରର କଥା, ଏଥିପାଇଁ ସର୍ଭେ ମଧ୍ୟ ହୋଇନାହିଁ ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏ ନେଇ ପୂର୍ବତଟ ରେଳବାଇ ପକ୍ଷରୁ ୧୧ ଜାନୁୟାରୀ, ୨୦୧୯ରେ ରେଳ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିଲା ଏବଂ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୭.୩୧ % ହାରରେ ଅର୍ଥ ଫେରସ୍ତ ମିଳିବ ବୋଲି କୁହାଯାଇଥିଲା । ୧୦ ଅକ୍ଟୋବର, ୨୦୧୯ରେ ରେଲୱେ ବୋର୍ଡ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ମାଗଣାରେ ଜମି ଏବଂ ବିସ୍ଥାପିତଙ୍କ ପୁନର୍ବାସ ପାଇଁ ହେବାକୁ ଥିବା ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପାଇଁ କେବଳ ଯେ ମାଗଣାରେ ଜମି ଯୋଗାଇ ଦେବାକୁ ରାଜି ହୋଇଥିଲେ ତାହା ନୁହେଁ, ଏହି ପ୍ରକଳ୍ପ ପାଇଁ ୩୦୦ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ରେଳ ମନ୍ତ୍ରଣାଳୟକୁ ଜଣାଇ ଦେଇଥିଲେ । ମାତ୍ର ଏହା ସତ୍ତ୍ୱେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଇଟା ଖଣ୍ଡେ ମଧ୍ୟ ପକାଇ ନାହାନ୍ତି । ତେଣୁ ପଶ୍ଚିମ ଓଡ଼ିଶାବାସୀ ବିଶେଷ କରି ବରଗଡ଼, ନୂଆପଡ଼ା ଏବଂ ପଦମପୁର ଅଂଚଳର ଅଧିବାସୀଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ତୁରନ୍ତ ଏହି ରେଳଲାଇନ ପ୍ରକଳ୍ପ ମଞ୍ଜୁର କରିବା ସହ ପୂର୍ବତଟ ରେଳବାଇ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣ କରି ରେଳଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାର ଆବଶ୍ୟକତା ରହିଛି ।

ଡ.ପାତ୍ର ଆହୁରି କହିଥିଲେ ଯେ ବିଗତ ପାଂଚ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ସଂପୂର୍ଣ୍ଣ କେନ୍ଦ୍ରୀୟ ପାଣ୍ଠିରୁ ଓଡ଼ିଶାରେ ଗୋଟିଏ ବି ନୂତନ ରେଳଲାଇନ ପ୍ରକଳ୍ପ ମଞ୍ଜୁର କରି ନାହାନ୍ତି । ଯେଉଁ ପ୍ରକଳ୍ପରେ ରାଜ୍ୟ ସରକାର ପାଣ୍ଠି ଯୋଗାଇଛନ୍ତି, କେବଳ ସେହିସବୁ ରେଳପ୍ରକଳ୍ପ ଅନୁମୋଦନ ପାଇଛି । ରେଳଲାଇନ ଘନତ୍ୱ ଦୃଷ୍ଟିରୁ ପଛରେ ଥିବା ଓଡ଼ିଶା ଭଳି ରାଜ୍ୟ ପାଇଁ ଏଭଳି ବେ ?ମାତୃକ ମନୋଭାବ ଆଦେ ? ଗ୍ରହଣୀୟ ନୁହେଁ । ତେଣୁ କେନ୍ଦ୍ର ସରକାର ଆଉ ପଶ୍ଚିମ ଓଡ଼ିଶାବାସୀଙ୍କୁ ଭୁଆଁ ନ ବୁଲାଇ ତୁରନ୍ତ ବରଗଡ଼ ଷ୍ଟେସନରୁ ଭାୟା ପଦମପୁର ନୂଆପଡ଼ା ରୋଡ଼ ଷ୍ଟେସନ୍ ରେଳଲାଇନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବିଜୁ ଜନତା ଦଳ ପକ୍ଷରୁ ମୁଁ ଦୃଢ଼ ଦାବି କରୁଛି ବୋଲି ଡ.ପାତ୍ର କହିଛନ୍ତି ।

ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଆଜି ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର, ୟୁନିଟ୍-୬ସ୍ଥିତ ଲୋହିଆ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଭାପତି କାହ୍ନୁ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସହ-ସମ୍ପାଦକ ମହେଶ୍ୱର ତ୍ରିପାଠୀ, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ପୁରୀ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସରୋଜ ମିଶ୍ର, ଶରତ ବାରିକ, ଦେବ ସିଂହ, ସରୋଜ ନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ଓ ଅବସର ଗ୍ରହଣ କରୁଥିବା ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ପ୍ରମୁଖ ୨ ଦଫା ଦାବି ସହିତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ଡିସେମ୍ବର ୧୫ ତାରିଖରେ ଧାରଣ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ସଭାପତି ଶ୍ରୀ ନନ୍ଦଙ୍କ ସୂଚନା ମୁତାବକ ଭାରତରେ ୧୭ଟି ରାଜ୍ୟରେ ସାମ୍ବାଦିକ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଏବଂ ୩ଟି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେଲାଣି, ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ନ ହେବା ନେଇ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ପ୍ରଦାନ କରିଛନ୍ତି । ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ଚୌଧୁରୀ ଯୋଗ ଦେଇ ଏହି ଦାବି ସମ୍ପର୍କରେ ୨୦ ଅଗଷ୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ୧୯ ସେପ୍ଟେମ୍ବରରେ ମଧ୍ୟ ଏହାର ଅଗ୍ରଗତି ସମ୍ପର୍କରେ ମେଲ୍ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଆଜି ସଂଘର କାର୍ଯ୍ୟକାରିଣୀ ବୈଠକରେ ଡିସେମ୍ବର ୧୫ ତାରିଖରେ ବିଧାନସଭା ଆଗରେ ଦିନିକିଆ ଧାରଣା ଦେବାପାଇଁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନିରଂଜନ ବାରିକ, ଚିତରଂଜନ ଦାସ, ଗୌରାଙ୍ଗ ସ୍ୱାଇଁ, ବିପିନ୍ ସେଠୀ, ଗଙ୍ଗାଧର ରାଉତ, ମିହିର ନାୟକ ପ୍ରମୁଖ ଯୋଗଦେଇଥିଲେ ।

ଅଲ ଓଡ଼ିଶା ରେଡିଓଗ୍ରାଫର ସର୍ଭିସ୍ ଆସୋସିଏସନର ଧାରଣା

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଅଲ୍ ଓଡ଼ିଶା ରେଡିଓଗ୍ରାଫର ଆସୋସିଏସନର ଏକ ବିଶାଳ ରାଲି ଏବଂ ଧାରଣା ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ସେମାନଙ୍କର ଏକମାତ୍ର ଦାବି କଂଟ୍ରାକ୍ଟୁଆଲ୍ ଭାବେ କାମ କରୁଥିବା ସବୁ କର୍ମଚାରୀଙ୍କୁ ରେଗୁଲାର କରାଯାଉ ଏବଂ ଏ ସମ୍ବନ୍ଧରେ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାପାଇଁ ଭୁବନେଶ୍ୱରରେ ଏକାଠି ହୋଇଥିଲେ । ଅଭିଯୋଗ ଅନୁଯାୟୀ ୨୦୦୪ ରୁ ଯେଉଁ ରେଡିଓଗ୍ରାଫରମାନେ କଂଟ୍ରାକ୍ଟୁଆଲ୍ ନିଯୁକ୍ତି ପାଇଥିଲେ ସେମାନଙ୍କୁ ସରକାର ରେଗୁଲାର କରୁନାହାଁନ୍ତି । ସରକାର ଏବେ ନିକଟ ଅତୀତରେ ସରକାର ୨୦୧୩ ପରଠାରୁ ଯେଉଁମାନେ କଂଟ୍ରାକ୍ଟୁଆଲରେ ନିଯୁକ୍ତି ପାଇଥିଲେ ସେମାନଙ୍କୁ ରେଗୁଲାର କରିବା ପାଇଁ ଘୋଷଣା କରିଛନ୍ତି କିନ୍ତୁ ୨୦୧୩ ମସିହା ପୂର୍ବରୁ ବହୁ ରେଡିଓଗ୍ରାଫର କଂଟ୍ରାକ୍ଟୁଆଲ୍ ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ସରକାର ସେମାନଙ୍କ କଥା ଭୁଲିଯାଇଛନ୍ତି । ଏପରିକି ୨୦୦୯ରୁ ଯେଉଁମାନେ ଚାକିରୀ ପାଇଥିଲେ ୨୦୧୫ରେ ସେମାନେ ରେଗୁଲାର ହୋଇଥିଲେ ମଧ୍ୟ ସେମାନଙ୍କୁ ୬ଟି ଇନ୍‌କ୍ରିମେଂଟ ମିଳୁନଥିଲା ବେଳେ ଯେଉଁମାନେ ଏବେ ରେଗୁଲାର ହେଲେ, ସେମାନେ ସମ୍ପୂର୍ଣ୍ଣ ଦରମା ସହିତ ୬ଟି ଇନ୍‌କ୍ରିମେ ପାଇବା ପାଇଁ ଯୋଗ୍ୟ ହୋଇଗଲେ । ଫଳରେ ଯେଉଁମାନେ ପୂର୍ବରୁ ଚାକିରୀ କରିଥିଲେ, ସେମାନେ କମ୍ ଦରମା ପାଉଛନ୍ତି ଏବଂ ଯେଉଁମାନେ ଏବେ ରେଗୁଲାର ହେଲେ ସେମାନେ ସିନିୟରମାନଙ୍କଠାରୁ ଅଧିକ ଦରମା ପାଉଥିବା ଯୋଗୁଁ କର୍ମଚାରୀମାନଙ୍କ ଭିତରେ ଅସନ୍ତୋଷ ବଢିଚାଲିଛି । ଏମ୍.ଏ.ସି.ପି. ଓ ଆର.ଏ.ସି.ପି. ସର୍ଭିସ୍ ରୁଲ୍ ଭିତରୁ ସେମାନେ ଗଣାଯାଉନାହିଁ ଏବଂ ସେମାନଙ୍କର ୬ ବର୍ଷ ବରବାଦ୍ ହୋଇଗଲା ବୋଲି ବଡ଼ ଦୁଃଖରେ ପ୍ରକାଶ କରିଛନ୍ତି ରେଡିଓଗ୍ରାଫର ସଂଘର ସଭାପତି ସୁବାଷ ଚନ୍ଦ୍ର ସେଠୀ । ସେହିପରି ଆମେ ସରକାରଙ୍କୁ ଆମ ଦାବିପତ୍ର ଜଣାଇବୁ, ଆମର ଆଶା ଓ ଭରସା ଅଛି, ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ଦୁଃଖ ବୁଝିବେ । ସବୁ କଂଟ୍ରାକ୍ଟୁଆଲ୍ ରେଡିଓଗ୍ରାଫର ମାନଙ୍କୁ ରେଗୁଲାର କରାଇବେ । ଆମେ ଏକ ଏମରଜିନ୍ସି ସର୍ଭିସ୍‌ରେ ଥିବାରୁ ନିଶ୍ଚୟ ଆମ ଦୁଃଖ ଏବଂ ସମସ୍ୟା ସରକାର ବୁଝିବେ ବୋଲି ଆଶା କରିଛନ୍ତି ସଂଘର ସାଧାରଣ ସମ୍ପାଦକ ଦେବପ୍ରସାଦ ସାହୁ । ଏଇଟା ହେଉଛି ପ୍ରଶାସନିକ ଭୁଲ୍ । ମୁଖ୍ୟମନ୍ତ୍ରୀ ଆମ ସମସ୍ୟା ବୋଧହୁଏ ଜାଣିନାହାନ୍ତି । ଆମ ସମସ୍ୟା ମାନ୍ୟବର ମୁଖ୍ୟମନ୍ତ୍ରୀ ଜାଣିଲେ ନିଶ୍ଚିତ ଭାବେ ଆମ ଦାବି ପୂରଣ ହେବ ବୋଲି କହିଛନ୍ତି ସମ୍ପାଦକ ଦେବପ୍ରସାଦ ।

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ରୋଟାରି ଭବନଠାରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା-ମୁଖ୍ୟଅତିଥି ଭାବେ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା-ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଦେବରାଜ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ଆର୍ଥିକ, ସାମାଜିକ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକ ହୋଇ ଏକମନ ହୋଇ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ସମଗ୍ର ରାଜ୍ୟର ସବୁ ଜିଲ୍ଲାରୁ କୈବର୍ତ୍ତ ଭାଇ ଭଉଣୀମାନେ ଆସି ଏହି ଅଧିବେଶନରେ ଯୋଗ ଦେଇଥିଲେ ଓ ମୁଖ୍ୟ ସଂଯୋଜକ ନାରାୟଣ ବେହେରା ସଭା ପରିଚାଳନା କରିଥିଲେ । ଏହି ସଭାରେ ପରିଷଦର ସଭାପତି ପଦ ଖାଲି ପଡ଼ିଥିବା ଯୋଗୁଁ ସଭାପତି ପଦ ପାଇଁ ସର୍ବସମ୍ମତିକ୍ରମେ ଦେବେନ୍ଦ୍ର ବେହେରାଙ୍କ ନାମକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କର ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ କୈବର୍ତ୍ତ ଭାଇଭଉଣୀମାନେ ସମର୍ଥନ ଜଣାଇଥିଲେ । ନୂଆ ସଭାପତି ଦାୟିତ୍ୱ ନେବାପରେ ପ୍ରଥମେ ପରିଷଦକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ମୋ ଜାତିକୁ ଆଗକୁ ବଢିବା ପାଇଁ ଚେଷ୍ଟା କରିବା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ମୁଁ ବଦ୍ଧ ପରିକର ବୋଲି ସଭାପତି ନିଜ ଭାଷଣରେ ଉଲ୍ଲେଖ କରିଥିଲେ । ଏପରିକି ସରକାରଙ୍କ ବିଭିନ୍ନ ଯୋଜନା ଆମ ଜାତି ପାଇଁ ଯାହାସବୁ ଅଛି ତାକୁ ସମସ୍ତଙ୍କ ସାମ୍ନାକୁ ଆଣିବା ପାଇଁ ଭରପୁର ଚେଷ୍ଟା କରିବେ ବୋଲି ସଭାପତି କହିଛନ୍ତି । ସେହିପରି ୧୯୫୦ ମସିହାରୁ ଏହି ମହାସଭା କଟକରୁ ଆରମ୍ଭ ହୋଇ ଆଜି ସବୁ ଜିଲ୍ଲାରେ ନିଜର ସଂଗଠନ ତିଆରି କରିଛି । ଏହି ଜାତିର ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟା କରିଚାଲିଛି । ଆଜିର ଏହି ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଜଳସ୍ରୋତ କମିବା, ଚିଲିକାରେ ପ୍ରଦୂଷଣ ଜଳ ହେବା ଏବଂ ବିଭିନ୍ନ ନଦୀନାଳ ଅବସ୍ଥା ଶୋଚନୀୟ ହେବା ଯୋଗୁଁ ଆମର କୌଳିକ ବ୍ୟବସାୟରେ ଗୁରୁତ୍ୱର ବ୍ୟାଘାତ ହେଉଥିବା ବେଳେ କୈବର୍ତ୍ତ ଭାଇମାନରଙ୍କ ଆର୍ଥିକ ଉନ୍ନତି ଏବଂ ସ୍ୱାର୍ଥରକ୍ଷା ବଡ଼ କଷ୍ଟକର ହେଉଥିଲେ ମଧ୍ୟ ଆମେ ଆପ୍ରାଣ ଉଦ୍ୟମ କରି ଆମ ଜାତିର ଉନ୍ନତି ପାଇଁ କାମ କରିଚାଲିଛୁ ଏବଂ କରୁଥିବୁ ବୋଲି କହିବା ସହ ସବୁ ଜିଲ୍ଲାରେ ଆମ ସଂଗଠନକୁ ସୁଦୃଢ଼ କରିବା ପାଇଁ ଖୁବ୍‌ଶୀଘ୍ର ଆଉ ଗୋଟିଏ ସାଧାରଣ ପରିଷଦ ଡାକି ଏହିସବୁ ସମସ୍ୟା ଉପରେ ବିଚାର ଆଲୋଚନା କରିବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି କୈବର୍ତ୍ତ ପରିଷଦର ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି ।

ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବୈଠକ

ନବରଙ୍ଗପୁର/ଜୟପୁର, ୨୦ ନଭେମ୍ବର (ହି.ସ.)- ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଲୁ ହୋତା ସଭାପତି ଅମଲା ସଂଘ ନବରଙ୍ଗପୁରଙ୍କ ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ଭାଇ ଓ ଭଉଣୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଶା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶ କୋରାପୁଟ ଜିଲ୍ଲା ଶାଖା ତଥା ସଦସ୍ୟ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଓଡିଶା ଅମଲା ସଂଘ ଯୋଗଦାନ କରି ନିଜର ମତବ୍ୟକ୍ତ କରିଥିଲେ । ଆଗାମୀ ୨୭.୧୧.୨୦୨୨ ରିଖରେ ଥିବା ବିଶାଳ କର୍ମଚାରୀ ସମାବେଶରେ ଯୋଗଦାନ କରିବା ନିମନ୍ତେ ସମସ୍ତ ଅମଲାଙ୍କୁ ସେ ଅନୁରୋଧ କରିଥିଲେ ଓ ଏହି ଆନ୍ଦୋଳନକୁ ଜୋରସୋର୍ କରିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥିରେ ଅନ୍ୟତମ ନିମନ୍ତ୍ରିତ ଅତିଥି ଭାବେ ଶ୍ରୀକାନ୍ତ ମହାପାତ୍ର ଓଡ଼ିଶା ଅମଲା ସଂଘ ସଭାପତି କଳାହାଣ୍ଡି, ତଥା ସାଙ୍ଗଠନିକ ସମ୍ପାଦକ, ଓଡ଼ିଶା ଅମଲା ସଂଘ ଉପଦେଷ୍ଟା ରୁପକେଶରୀ ଦଳେଇ, ଓଡ଼ିଶା ଅମଲା ସଂଘକୁ ତୃଣମୂଳ ସ୍ତରରୁ ମଜବୁତ କରିବା ନିମନ୍ତେ ଦିଗ୍ ଦର୍ଶନ ଦେଇଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଅମଲା ସଂଘ ସମ୍ପାଦକ କଳାହାଣ୍ଡି ଜିତେନ୍ଦ୍ର ମୁଣ୍ଡ ଓ କାର୍ଯ୍ୟକାରୀ ସଦସ୍ୟ କଳାହ

ଶହିଦ୍ ଲକ୍ଷ୍ମଣ.....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ୍ୟ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା। ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ। ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା। ହାଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ। ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା। ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା। ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ। ଜଙ୍ଗଲ ଜଗୁଆଳୀ ରାମାୟାକୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ। ବିଚାରପତି ୩୩ ଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ। ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଖୁଂଟରେ ଝୁଲାଇବାକୁ ରାୟଦେଲେ। ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ। କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପରେ କୋର୍ଟରେ କରିବାକୁ ଦାବିକଲେ।

ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା। ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ। ଓକିଲ ପିତାମ୍ବର ମିଶ୍ର ମଧ୍ୟ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ,କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ। ମାର୍ଚ୍ଚ ୨୮ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ। ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ "ସ୍ୱରାଜ ପାଇଁ ଆମେ ସକଳେ ଲଢୁଥିଲୁ। ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ। ସେତିକି ଦୁଃଖ ରହିଗଲା। ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି। ମୋ ପୁଅ ଝିଅକୁ ବାହା କରାଇଦେବ"। ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖାକରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ। ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ।ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ। ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଂଟ ପାଖକୁ, ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ...। ଶେଷ ଇଚ୍ଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ- ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ।

ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇ ନଥିଲା । ଇଂରେଜମାନେ ତାଙ୍କର ମୃତ ଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ। ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇ ଦେଲେ। ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ। ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ। ସନ୍ଧ୍ୟା ସମୟରେ ଏକ ଶୋକ ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା।

ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ
ମୁକତି ଲଢେଇ ଡାକରା ପାଇ
ଫାଶୀରେ ଚଢ଼ିଲୁ ଆମରି ପାଇଁ
ଆଗଭର ହୋଇ ଆସିଲୁ ଧାଇଁ....

ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଧରିତ୍ରୀ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ -

ମରିନାହିଁ କେବେ ମରିବିନାହିଁ
ମୋ ପାଇଁ ଭାବନା କରିବ ନାହିଁ
....
ମନରେ ଏତିକି ଆଜି ମୋର ଖୁସି
କିବା ଦୋଷେ ଭାଇ ପିନ୍ଧିଲି ମୁଁ ଫାଶୀ
ପୁନା ସହରକୁ ପ୍ରଣାମ କରି ମୁଁ
ଦେଲି ମୋର ପ୍ରାଣ ପୃଥିବୀ ପାଇଁ।

ଭାରତ ମାତା ତାର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା। ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ। ସେଥିପାଇଁ ପିଲାମାନେ ଗାଆନ୍ତି।

ଲକ୍ଷ୍ମଣ ନାଏକ ହେ ଲକ୍ଷ୍ମନ ନାଏକ
ଦେଶ ଲାଗି ଫାଶୀ ଖୁଂଟେ ଝୁଲାଇଲ ବେକ
ରଖିଗଲ ଓଡିଶାର ଟେକ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

ଆଉ ନାହାନ୍ତି ଅନ୍ନପୂର୍ଣ୍ଣାର ପ୍ରବୀଣ ଅଭିନେତା କମଳ ଲୋଚନ ଦାଶ



ବାଲେଶ୍ୱର,୨୧/୧୧ (ନି.ପ୍ର): ଓଡ଼ିଶାର ଯଶସ୍ୱୀ ମଞ୍ଚ ଅଭିନେତା, ନିର୍ଦ୍ଦେଶକ କମଳଲୋଚନ ଦାଶ ୭୩ ବର୍ଷ ବୟସରେ ଫୁସ୍‌ଫୁସ୍ ଜନିତ ରୋଗରେ ଦୀର୍ଘଦିନ ଆକ୍ରାନ୍ତ ହୋଇ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍, କଟକରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ମଧ୍ୟାହ୍ନ ୧୨ଟା ୫୪ମିନିଟ୍‌ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସାରା ଜୀବନକାଳ ମଞ୍ଚନାଟ, ଚଳଚ୍ଚିତ୍ର, ଗୀତିନାଟ୍ୟ ତଥା ଦୂରଦର୍ଶନ ଧାରାବାହିକରେ ଅଭିନୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇ ନିଜ ଜୀବନକୁ ନାଟକଳାରେ ସମର୍ପିତ କରିଥିଲେ। ୧୯୬୫ ମସିହାରୁ ଅନ୍ନପୂର୍ଣ୍ଣା ଥିଏଟର୍ 'ବି' ଗ୍ରୁପ୍, ୧୯୬୮ ମସିହାରୁ ୧୯୯୫ ମସିହା ଅନ୍ନପୂର୍ଣ୍ଣା ଥିଏଟର୍ 'ଏ' ଗ୍ରୁପ୍, ପୁନଶ୍ଚ କଳାଶ୍ରୀ ରୂପକାର ଥିଏଟର୍‌ରେ ଏବଂ କେତେକ ଅପେରାରେ ଅଭିନୟ ତଥା ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଦୂରଦର୍ଶନ ଭୁବନେଶ୍ୱରରେ ସଂପର୍କ, ମା', ପରଆପଣା, ମାନିନୀ, ଇ.ଟି.ଭି.ରେ ପଣତକାନି, ପୂଣ୍ୟତୋୟା ଧାରାବାହିକରେ ସେ ଅତ୍ୟନ୍ତ ଲୋକପ୍ରିୟ ହୋଇଯାଇଥିଲେ। ୧୯୯୫-୯୬ ମସିହାଠାରୁ ଏ ପର୍ଯ୍ୟନ୍ତ କ୍ରମାଗତଭାବେ 'ଚନ୍ଦ୍ରଭାଗା' ଆୟୋଜିତ ଅଖିଳ ଭାରତୀୟ ଆନ୍ତଃ ମହାବିଦ୍ୟାଳୟ ବହୁଭାଷୀ ନାଟକ ପ୍ରତିଯୋଗିତାରେ ବିଚାରକ ଭାବରେ କାର୍ଯ୍ୟଭାର ସୁଚାରୁ ରୂପେ ତୁଲାଇ ଆସୁଥିଲେ। ଶେଷବେଳକୁ ପରିବାରବର୍ଗ ତଥା ନିଜର ଅନ୍ତରଙ୍ଗ କଳାକାର ବନ୍ଧୁମାନେ ଉପସ୍ଥିତ ଥିଲାବେଳେ ତାଙ୍କ ମରଶରୀର ସ୍ଥାନୀୟ ସୁନହଟ୍ ଡିଗିରହଣିଆ ଶ୍ମଶାନରେ ସତ୍କାର କରାଯାଇଥିଲା।

ସଟର କାଟି ଗହଣା ଦୋକାନରୁ ଚୋରୀ : ଥାନାରେ ମାମଲା

ଜଳେଶ୍ୱର, ୨୧/୧୧(ନି.ପ୍ର): ଜଳେଶ୍ୱର ଅଂଚଳରେ ଦିନକୁ ଦିନ ଚୋରୀ ବଢିବାରେ ଲାଗିଛି । ପୁଲିସ୍ ଯେତିକି ତତ୍ପର ହେଉଛି ଚୋର ତା ଠାରୁ ଅଧିକ ସକ୍ରିୟ ହେଉଛି । ଆଜି ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ୫୭ରାଜ୍ୟ ରାଜପଥର ଆମ୍ବଳିଅଠା ଛକ ନିକଟରେ ଥିବା ଶିବ ଦୁର୍ଗା ଜୁଏଲାର୍ସରୁ କେତେକ ଦୁବୃର୍ତ୍ତ ରବିବାର ବିଳମ୍ବିତ ରାତିରେ ସଟର କାଟି ସୁନା ଓ ରୂପାର ଗହଣା ଲୁଟି ନେଇଥିବା ଜଣାଯାଇଛି । ରବିବାର ରାତ୍ରୀ ୧୦ଟି ବେଳେ ସୋଲପଟା ଅଂଚଳର ଦୋକାନ ମାଲିକ ଜିତେନ୍ଦ୍ର ରଣା ପ୍ରତିଦିନ ପରି ଦୋକାନରେ ଚାବି ପକାଇ ଘରକୁ ଯାଇଥିଲେ । ସକାଳେ ତାଙ୍କ ଦୋକାନ ସଟର ଭଂଗାଯାଇଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଖବର ଦେଇଥିଲେ । ମାଲିକ ଆସି ଜଳେଶ୍ୱର ପୁଲିସ୍‌କୁ ଖବର ଦେବା ପରେ ଛାନ୍‌ଭିନ୍ ଆରମ୍ଭ ହୋଇଛି । ପ୍ରାୟ ୫ଲକ୍ଷ ଟଙ୍କାର ବିଭିନ୍ନ ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଡେମୋଗ୍ରାଫିକ ଡିଭାଇଡେଣ୍ଡର ଲାଭ....

ତିଆରି କରିବ । ଏନସିଆରଏଫ ମୁଣ୍ଡ ପିଛା ଉତ୍ପାଦନ ବୃଦ୍ଧି କରିବ, ସମସ୍ତଙ୍କୁ ସଶକ୍ତ କରିବ ଏବଂ ଏହି ଶତାବ୍ଦୀର ନେତୃତ୍ୱ ନେବା ଦିଗରେ ଭାରତ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ଆୟୋଜିତ 'ଜାତୀୟ ପରିଷଦ ବୈଠକ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନୂଆ ଭାରତ'ର କଳ୍ପନାକୁ ଆଗେଇ ନେବା ପାଇଁ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । 'ନୂଆ ଭାରତ ନିର୍ମାଣ' ଶୀର୍ଷକ ଆଲୋଚନାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଳ୍ପସମୂହ, ଶିକ୍ଷାବିତ ଏବଂ ନୀତି ନିର୍ଦ୍ଧାରକମାନେ ଏକବିଂଶ ଶତାବ୍ଦୀର ମାନବ ସମ୍ବଳକୁ ପ୍ରସ୍ତୁତ କରିବା ସହ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ କଲ୍ୟାଣ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ହେବ । ଶିଳ୍ପ ସମୂହର ସହଯୋଗରେ ହିଁ ଭାରତର ଯୁବବର୍ଗଙ୍କୁ ଶିକ୍ଷା ଏବଂ କୌଶଳ ମାନବ ସମ୍ବଳ ଭିତରେ ଅଣାଯାଇପାରିବ । ଆଇଆଇଟି, ଏନଆଇଟି, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରତିଭା ଭରପୁର ଅଛି । କେବଳ ଆଇଆଇଟି ନୁହେଁ, ଅନ୍ୟ ଶିକ୍ଷାନୁଷ୍ଠାନ ସହ ଶିଳ୍ପ ସମୂହ ସହଯୋଗୀ ହୋଇ ଗବେଷଣା ଏବଂ ଅନ୍ୱେଷଣକୁ ତ୍ୱରାନିତ କରିବା ଦରକାର । ଏକବିଂଶ ଶତାବ୍ଦୀର ମାନବ ସମ୍ବଳକୁ ପ୍ରସ୍ତୁତ କରିବା ସହ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତି ଭାବରେ ପ୍ରସ୍ତୁତ କରିବା ପାଇଁ ଦକ୍ଷତା ବିକାଶକୁ ସଂସ୍ଥାଗତ କରିବାକୁ ହେବ । ଶ୍ରୀ ପ୍ରଧାନ ଏହି ଅବସରରେ ସିଆଇଆଇର ସଦସ୍ୟ ତଥା ଶିଳ୍ପସମୂହର ନେତୃବୃନ୍ଦଙ୍କୁ ନ୍ୟାସନାଲ କ୍ରେଡିଟ୍ ଫ୍ରେମୱାର୍କର ଖସଡାକୁ ସମୀକ୍ଷା କରିବା ସହ ନିଜର ମତାମତ ଦେବା ପାଇଁ ପରାମର୍ଶ ଦେଇଥିଲେ ।

ଆନ୍ଦୋଳନକୁ ଓହ୍ଲାଇଲେ ....

ସରକାରୀ ମାନ୍ୟତା ଦାବିରେ ଏକାଠି ହୋଇଛନ୍ତି । ଯେଉଁ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ସେ ଯାଏଁ ଅଙ୍ଗନୱାଡି କର୍ମୀଙ୍କୁ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ଦେବାକୁ ଦାବି କରିଛି ସଂଘ । ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ଦେବାକୁ ଦାବି ହୋଇଛି । ଅବସରକାରଳୀନ ସହାୟତା ରାଶି ବାବଦକୁ ୫ ଲକ୍ଷ ଟଙ୍କା ଦେବା ସହ ପେନସନ ବାବଦକୁ ମାସିକ ୫ ହଜାର ଟଙ୍କା ଦେବାକୁ ଦାବି କରିଛି ସଂଘ । ନିଜ ହକ ପାଇଁ ଅଙ୍ଗନୱାଡି କର୍ମୀ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲେ ରାଜ୍ୟ ସରକାର । କିନ୍ତୁ ଏମାନଙ୍କୁ ଆନ୍ଦୋଳନ ନକରିବାକୁ ଚେତାବନୀ ଦେଇଥିଲା ରାଜ୍ୟ ସରକାର । ନିଜ ନିଜ ଅଙ୍ଗନୱାଡି କେନ୍ଦ୍ର ନଛାଡିବାକୁ ମହିଳା ଓ ଶିଶୁ ବିକାଶ ଚିଠି ମଧ୍ୟ କରିଥିଲା । କିନ୍ତୁ ସରକାରୀ ଚିଠିକୁ ଖାତିର ନକରି ଅହୋରାତ୍ର ଧାରଣା ଦେବାକୁ ରାଜଧାନୀ ଆସିଛନ୍ତି ହଜାର ହଜାର ଅଙ୍ଗନୱାଡି କର୍ମୀ । ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀ ପୂର୍ବ୍ୱରୁବି ଲୋୟର ପିଏମଜିରେ ଧାରଣା ଦେଇଛନ୍ତି । ଆଉଦାବି ପୂରଣ ନହେଲେ ରାଜଧାନୀ ଛାଡି ଯିବୁ ନାହିଁ ବୋଲି କହିଛନ୍ତି ଆନ୍ଦୋଳନକାରୀ ।

ନୂଆ ରୂପ ପାଇବ ପୁରୀର....

ବାହାର ବେଢାକୁ ସଂପ୍ରସାରିତ କରାଯିବା ସହିତ ଭାଙ୍ଗିଯାଇଥିବା ସ୍ଥାନ ଗୁଡିକର ମରାମତି, ନୂତନ ରାସ୍ତା, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ, ବସାଉଠା କରିବାପାଇଁ ସ୍ଥାନ ଓ ଦୁଇଟି ମୁଣ୍ଡନ ମଣ୍ଡପର ବିକାଶ କରାଯିବ। ଡ୍ରେନେଜ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ, ମନ୍ଦିର ଭିତର ଓ ବାହାର, ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ କରାଯିବ। ମନ୍ଦିରର ପୁଷ୍କରଣୀ ପାର୍ବତୀସାଗରର ମଧ୍ୟ ଉନ୍ନତିକରଣ କରାଯିବ। ଏହାର ଚାରିପଟେ ୨୬୭ ମିଟରର ସୁଉନ୍ନତ ପାଚେରୀ, ପୁଷ୍କରଣୀର ବିଶୋଧନ, ପାହାଚ, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ ଓ ବସାଉଠା ପାଇଁ ସ୍ଥାନ ରହିବ । ପାର୍କିଂ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ମନ୍ଦିରକୁ ଯାଇଥିବା ୪୦୦ ମିଟର ଆପ୍ରୋଚ ରୋଡର ଉନ୍ନତିକରଣ କରାଯିବା ସହିତ ୪ଟି ରାସ୍ତାର ବିକାଶ କରାଯିବ। ମନ୍ଦିରକୁ ସଂଯୋଗ ହୋଇଥିବା ୪ଟି ପ୍ରମୁଖ ରାସ୍ତାର ଉନ୍ନତିକରଣ ମଧ୍ୟ କରାଯିବ। ସେହିପରି ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିରର ମଧ୍ୟ ବିକାଶ କରାଯିବ। ପୁରୀ ଠାରୁ ୨୪ କି.ମି ଓ ସାତପଡା ଠାରୁ ୨୫ କି.ମି ଦୂରରେ ଥିବା ଏହି ପୀଠ ପଞ୍ଚଦଶ ଓ ଷୋଡଶ ଶତାବ୍ଦୀର ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ଶ୍ରୀ ଅଲାରନାଥଙ୍କୁ ଶ୍ରୀ ଜଗନ୍ନାଥଙ୍କର ପ୍ରତିରୂପ ବୋଲି ବିଶ୍ୱାସ ରହିଛି । ଶ୍ରୀ ଜଗନ୍ନାଥଙ୍କ ଅଣସର ସମୟରେ ଅଲାରନାଥ ଦର୍ଶନ ପାଇଁ ଭକ୍ତମାନେ ଯାଇଥାନ୍ତି । ମାଷ୍ଟରପ୍ଲାନ ଅନୁଯାୟୀ ଏହାର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସ୍ଥାନୀୟ ଭିତର ରାସ୍ତା, ଅରୁଣ ସ୍ତମ୍ଭ, ଚନ୍ଦନ ପୋଖରୀ ଆଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ପୁରା ଅଞ୍ଚଳକୁ ବିକଶିତ କରାଯାଇ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ। ଏହାର ପ୍ରବେଶ ଦ୍ୱାରକୁ ପ୍ରଶସ୍ତ କରାଯାଇ ୪୦ ଫୁଟ ଚଉଡା ଓ ୧୮ ଫୁଟ ଉଚ୍ଚ କରାଯିବ।

ସିଆଇଟିଇଏସ୍ ସିଓପି -୧୯ : ଭାରତର ହସ୍ତତନ୍ତ ରପ୍ତାନିକାରୀଙ୍କୁ ବଡ଼ ଆଶ୍ୱସ୍ତି

ଭୁବନେଶ୍ୱର, ୨୧/୧୧ (ନି.ପ୍ର): କନଫେଡେରେସନ ଅନ୍ ଇଣ୍ଟରନାସନାଲ୍ ଟ୍ରେଡ୍ ଇନ୍ ଏନଡେଞ୍ଜର୍ଡ ସ୍ପେସିସ୍ ଅଫ୍ ୱାଇଲ୍ ଫୌନା ଆଣ୍ଡ ଫ୍ଲୋରା (ସିଆଇଟିଇଏସ୍)ର ପକ୍ଷମାନଙ୍କର ସମ୍ମିଳନୀର ଉନବିଂଶତମ ବୈଠକ ପାନାମା ଠାରେ ୧୪ ରୁ ୨୫ ନଭେମ୍ବର ୨୦୨୨ ମଧ୍ୟରେ ଅନୁଷ୍ଠିତ ହେଉଛି। ଶିଶମ ବା ଡାଲବର୍ଜିଆ ସିସୁ ସମ୍ମିଳନୀର ଆପେଣ୍ଡିକ୍ସ ଓଓ ରେ ଅନ୍ତର୍ଭୁକ୍ତ ହୋଇଛି, ଯାହା ଦ୍ୱାରା ଏହି ପ୍ରଜାତିର ବ୍ୟବସାୟିକ କାରବାର ପାଇଁ ସିଆଇଟିଇଏସ୍ ନିୟମାବଳୀ ଅନୁସରଣ କରିବା ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ୧୦ କିଲୋଗ୍ରାମରୁ ଅଧିକ ଓଜନର ପ୍ରତ୍ୟେକ ସାମଗ୍ରୀ ସିଆଇଟିଇଏସ୍ ଅନୁମତି ଆବଶ୍ୟକ କରେ। ଏହି ପ୍ରତିବନ୍ଧକ ଯୋଗୁଁ ଭାରତରୁ ଡାଲବର୍ଜିଆ ସିସୁରୁ ନିର୍ମିତ ଆସବାବପତ୍ର ଏବଂ ହସ୍ତତନ୍ତ ରପ୍ତାନି ତାଲିକା ପୂର୍ବରୁ ବାର୍ଷିକ ପ୍ରାୟ ୧୦୦୦ କୋଟି ଭାରତୀୟ ଟଙ୍କା ରୁ ୫୦୦-୬୦୦ କୋଟି ଭାରତୀୟ ଟଙ୍କାକୁ ହ୍ରାସ ପାଉଛି। ଡାଲବର୍ଜିଆ ସିସୁ ଉତ୍ପାଦର ରପ୍ତାନିରେ ହ୍ରାସ ଏହି ପ୍ରଜାତି ସହିତ କାମ କରୁଥିବା ପ୍ରାୟ ୫୦,୦୦୦ କାରିଗରଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି । ତେବେ ଭାରତର ଉଦ୍ୟମରେ ବର୍ତ୍ତମାନର ବୈଠକରେ ଫର୍ଣ୍ଣିଚର ଏବଂ ହସ୍ତତନ୍ତ ସାମଗ୍ରୀ ପରି ଶିଶମ (ଡାଲବର୍ଜିଆ ସିସୁ) ସାମଗ୍ରୀର ପରିମାଣ ସ୍ପଷ୍ଟ କରିବାକୁ ଏକ ପ୍ରସ୍ତାବ ଉପରେ ବିଚାର କରାଯାଇଥିଲା। ଭାରତୀୟ ପ୍ରତିନିଧୀଙ୍କ ଦ୍ୱାରା ନିରନ୍ତର ବିଚାର ବିମର୍ଶ ପରେ, ଏଥିରେ ସହମତ ହେଲା ଯେକୌଣସି ସଂଖ୍ୟକ ଡାଲବର୍ଜିଆ ସିସୁ କାଠ-ଆଧାରିତ ଆଇଟମ୍ ସିଆଇଟିଇଏସ୍ ଅନୁମତି ବିନା ସିଙ୍ଗିଲ୍ କନସାଇନମେଣ୍ଟ ଭାବରେ ରପ୍ତାନି ହୋଇପାରିବ ଯଦି ଏହି ସାମଗ୍ରୀର ପ୍ରତ୍ୟେକ ଭିନ୍ନ ସାମଗ୍ରୀର ଓଜନ ୧୦ କିଲୋଗ୍ରାମରୁ କମ୍ ଥାଏ। ଅଧିକନ୍ତୁ, ଏହା ସହମତ ହୋଇଥିଲା ଯେ ପ୍ରତ୍ୟେକ ଆଇଟମର ଶୁଦ୍ଧ ଓଜନ ପାଇଁ କେବଳ କାଠକୁ ବିଚାର କରାଯିବ ଏବଂ ଉତ୍ପାଦରେ ଧାତୁ ଇତ୍ୟାଦିରେ ବ୍ୟବହୃତ ଅନ୍ୟ କୌଣସି ବସ୍ତୁକୁ ଅଣଦେଖା କରାଯିବ। ଭାରତୀୟ କାରିଗର ଏବଂ ଆସବାବପତ୍ର ଶିଳ୍ପ ପାଇଁ ଏହା ଏକ ବଡ଼ ପଦକ୍ଷେପ। ପୃଷ୍ଠଭୂମି: ସୂଚନାଯୋଗ୍ୟ ଯେ ୨୦୧୬ ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ହୋଇଥିବା କନଫରେନ୍ସ ଅଫ୍ ପାର୍ଟିସ୍ (ସିଓପି) ର ୧୭ତମ ବୈଠକରେ ସମସ୍ତ ପ୍ରଜାତିର ଜେନସ୍ ଡାଲବର୍ଜିଆକୁ ସମ୍ମିଳନୀର ଆପେଣ୍ଡିକ୍ସ ଓଓ ରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ପ୍ରଜାତିର ବାଣିଜ୍ୟ ପାଇଁ ସିଆଇଟିଇଏସ୍ ନିୟମାବଳୀ ଅନୁସରଣ କରିବାକୁ ପଡିବ। ଭାରତରେ ଡାଲବର୍ଜିଆ ସିସୁ (ଉତ୍ତର ଭାରତୀୟ ରୋଜଉଡ୍ କିମ୍ବା ଶିଶାମ) ପ୍ରଜାତି ପ୍ରଚୁର ପରିମାଣରେ ମିଳିଥାଏ ଏବଂ ଏହା ବିଲୁପ୍ତପ୍ରାୟ ପ୍ରଜାତି ଭାବରେ ପରିଗଣିତ ହୁଏ ନାହିଁ । ଆଲୋଚନା ସମୟରେ ଏହା ଦଳଗୁଡିକ ଦ୍ୱାରା ସ୍ୱୀକାର କରାଯାଇଥିଲା ଯେ ଡାଲବର୍ଜିଆ ସିସୁ ଆଦି ବିପଦପୂର୍ଣ୍ଣ ପ୍ରଜାତି ନୁହନ୍ତି। ଅନ୍ୟପକ୍ଷରେ, ଡାଲବର୍ଜିଆର ବିଭିନ୍ନ ପ୍ରଜାତିର ସମାପ୍ତ ରୂପରେ ପୃଥକ କରିବାରେ ଆହ୍ୱାନ

ମଙ୍ଗଳବାର, ନଭେମ୍ବର ୨୨, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଖୋର୍ଦ୍ଧାଗଡ଼ର ପୁନଃରୁଦ୍ଧାର ଓ ବରୁଣେଇର ବିକାଶ ପାଇଁ ବାଜିଲା ବିପ୍ଳବର ବିଗୁଲ୍

ଖୋର୍ଦ୍ଧା,୨୧/୧୧ (ନି.ପ୍ର): ଭାରତ ବର୍ଷର ଶେଷ ସ୍ୱାଧିନ ଦୁର୍ଗ ତଥା ଭାରତର ସ୍ୱାଧୀନତା ଆନ୍ଦୋଳନର ଏକୁଡ଼ି ଶାଳ ଓ ଲକ୍ଷ ଲକ୍ଷ ପାଇକଙ୍କ ଜାତି ପାଇଁ ବଳିଦାନରେ ରକ୍ତ ରଞ୍ଜିତ ହୋଇଥିବା ଖୋର୍ଦ୍ଧାଗଡ଼ ସ୍ୱାଧିନତାର ୭୫ତମ ବର୍ଷ ବିତିଯାଇଥିଲେ ମଧ୍ୟ ଅନୁରୂପ ଭାବେ ପ୍ରଥମ ସ୍ୱାଧିନତା ସଂଗ୍ରାମ ୧୮୧୭ ମସିହାର ପାଇକ ବିଦ୍ରୋହ ଯାହାକି ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ତାହା ୨୦୬ ବର୍ଷ ଅତିକ୍ରାନ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କର୍ପୁର ଉଡ଼ିଯାଇ କନା ଖଣ୍ଡେ ପଡ଼ିଥିବା ପରି ଖୋର୍ଦ୍ଧାଗଡ଼ ଅତ୍ୟନ୍ତ ଦୟନିୟ ଅବସ୍ଥାରେ ପଡ଼ିରହିଛି । ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଇତିହାସର ଏହି ମହାନ ତୀର୍ଥଭୂମି ଆଜି ସମ୍ପୂର୍ଣ୍ଣ ଅବହେଳିତ । ଏହା କେବଳ ଖୋର୍ଦ୍ଧାବାସୀଙ୍କ ପାଇଁ ନୁହେଁ ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆଙ୍କ ମନରେ ଗଭୀର ଦୁଃଖଦ ରେଖାପାତ୍ କରିଛି ବୋଲି ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦର ସଭାପତି ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଖୋର୍ଦ୍ଧାଗଡ଼ ପରିସରରେ ଆୟୋଜିତ ଗଡ଼ ପ୍ରତି ଅବହେଳା ପାଇଁ ଏକ ପ୍ରତିବାଦ ସଭାରେ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ରାଜ୍ୟ ସରକାର ୫ଟି ଯୋଜନାରେ ଓଡ଼ିଶାର ଅନେକ ପର୍ଯ୍ୟଟନସ୍ଥଳୀ, ମନ୍ଦିର ଆଦିର ବିକାଶ କରୁଥିବା ବେଳେ ଏହି ପୂଣ୍ୟଭୂମି ପ୍ରତି ଅବହେଳା ପ୍ରଦର୍ଶନ କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା । ଆଗାମୀ ଦିନରେ ଏହାର ଉନ୍ନତି କରା ନଗଲେ ବିପ୍ଳବର ବିଗୁଲ୍ ଆଜିଠାରୁ କେବଳ ଏହିଠାରେ ବାଜିଲା ତାହା ନୁହେଁ, ଏହା ଖୋର୍ଦ୍ଧାମାଟିରୁ ପ୍ରୟୋଜନ ହେଲେ ଦିଲ୍ଲୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏହି ପ୍ରତିବାଦ ସଭାରେ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନ୍‌ଜୀବୀ ଶ୍ରୀ ନରେନ୍ଦ୍ର ପୃଷ୍ଟି ବକ୍ତବ୍ୟ ପ୍ରଦାନ କରି କହିଲେ ବୀରଭୂମି ଖୋର୍ଦ୍ଧାଗଡ଼ ସହ ପାଇକମାନଙ୍କର ଆରାଧ୍ୟ ଦେବୀ ମା ବରୁଣେଇ ପୀଠକୁ ସରକାର ଯଥାଶୀଘ୍ର ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ଏହାର ବିକାଶ ସାଧନ କରନ୍ତୁ । ଏଥିପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ୫ଟି ଯୋଜନାର ସେକ୍ରେଟ୍ରାରୀଙ୍କୁ ବିଗତ ଦିନରୁ ବାରମ୍ବାର ଦାବୀପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ତେଣୁ ଆଜି ପାଇକ ବାହିନୀ ଓ ସାଧାରଣ ଜନତା ଏକିତ୍ରିତ ହୋଇ ମଶାଲକୁ ସାକ୍ଷୀ ରଖି ଖୋର୍ଦ୍ଧାଗଡ଼ ଉପରେ ଠିଆହୋଇ ଶପଥ ନେଇଛନ୍ତି ଯେ ପର୍ଯ୍ୟନ୍ତ ଏହି ଦୁଇଟି ସ୍ଥାନର ଉନ୍ନତି ନ ହେବ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ।

ଏବିଭିପି ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀକୁ ନେଇ ଆଲୋଚନା ଚକ୍ର

ଭଦ୍ରକ,୨୧/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭଦ୍ରକ ଜିଲ୍ଲା ତରଫରୁ ଜିଲ୍ଲାର ସମସ୍ତ ନଗର ଓ ମହାବିଦ୍ୟାଳୟରେ ନଭେମ୍ବର ୧୫ରୁ ସପ୍ତାହ ବ୍ୟାପୀ ବିପ୍ଳବୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଏବଂ ଜୀବନୀ ଉପରେ ଆଲୋଚନା ଚକ୍ର, ପାଠ୍ୟ ଚକ୍ର, ଶୋଭାଯାତ୍ରା, ବିଭିନ୍ନ ପ୍ରତିଯୋଗିତା ଆଦି ବିଭନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଥିବା ବେଳେ ଭଦ୍ରକ ନଗର ତରଫରୁ ରାନ୍ଦିଆ ପଞ୍ଚାୟତର ଜନଜାତି ବହୁଳ ବସ୍ତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଧର୍ମ ରକ୍ଷା, ଜନଜାତି ସମାଜର ଜଳ, ଜମି ଓ ଜଙ୍ଗଲ ରକ୍ଷା ସହିତ ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ । ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ରାଉତ, ସ୍ଥାନୀୟ ୱାର୍ଡ ସଦସ୍ୟା ନନ୍ଦିନୀ ବିରୁଆ, ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ ଏବଂ ଯୁବ ସଂଗଠକ ମାନସ ବାରିକ ଉପସ୍ଥିତ ରହି ଭଗବାନ ବିର୍ସାଙ୍କ ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

ଶିଶୁ ସୁରକ୍ଷା କର୍ମଚାରୀଙ୍କ ସ୍ଥାୟିତ୍ୱ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର

ଭଦ୍ରକ,୨୧/୧୧ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ଜିଲ୍ଲାରେ କାର୍ଯ୍ୟକରୁଥିବା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଂଗଳ କମିଟିର କର୍ମଚାରୀମାନେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଚାକିରି ସ୍ଥାୟିତ୍ୱ ସକାଶେ ଏକ ସ୍ମାରକୀପତ୍ର ମୁଖ୍ୟଶାସନ ସଚିବଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି । ପ୍ରକାଶଥାଉକି ୨୦୧୩ ମସିହାରୁ ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ଥଇଥାନ ଓ ଶିଶୁଙ୍କ ନିରାପତ୍ତା ସକାଶେ ଅହରହ ତତ୍ପରତା ସହ କାର୍ଯ୍ୟ ସଂପାଦନ କରୁଥିବା ସତ୍ତ୍ୱେ ଅନ୍ୟାନ୍ୟ ରାଜ୍ୟ ଯଥା ସିକିମ୍, ମଣିପୁର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ସ୍ଥାୟୀ ନିଯୁକ୍ତି ମିଳିଛି, ହେଲେ ଓଡ଼ିଶାରେ ଶିଶୁ ସୁରକ୍ଷା କର୍ମଚାରୀଙ୍କୁ ବଂଚିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଶିଶୁ ମଂଗଳ କମିଟି ଭଦ୍ରକର କର୍ମଚାରୀମାନେ ଯଥା ବିଜୟ କେତନ ସାହୁ, ସ୍ୱାଗତିକା ବାରିକ, ବିଶ୍ୱନାରାୟଣ ପଣ୍ଡା, ସୁବ୍ରତ ଦାସ, ଧୀରଜ ବାରିକ୍, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ମନୋଜ ସାହୁ ପ୍ରମୂଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ପାରାଦୀପ,୨୧/୧୧ (ନି.ପ୍ର): ତମ ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ପାରାଦୀପର ଜୟଦେବ ସଦନ ଠାରେ ଉଦଯାପିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ମିଳିତ ସହଯୋଗରେ ଚାରି ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଶେଷ ଉଦଯାପନୀ ସନ୍ଧ୍ୟାରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ କେ.ଜେ.ପଟେଲ ଏବଂ ପାରାଦୀପ ଲେଡିଜ କ୍ଲବର ଉପସଭାନେତ୍ରୀ ଶ୍ରୀମତୀ ସୁଚିସ୍ମିତା ବୋଷ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସାଂସ୍କୃତିକ ପ୍ରତିଯୋଗିତାରେ ଦେଶର ୯ଟି ବୃହତ ବନ୍ଦରର ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗୀତାରେ ପାରାଦୀପ ବନ୍ଦର ପ୍ରାଧିକରଣ ଦଳଗତ ଭାବେ ଚମ୍ପିୟନ ହୋଇଥିବା ବେଳେ ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦର ରନର୍ସଅପ୍ ଏବଂ ମୁମ୍ବାଇ ବନ୍ଦର ଦ୍ୱିତୀୟ ରନର୍ସଅପ୍ ପୁରସ୍କାର ଜିତି ଥିଲେ । ପାରାଦୀପ ବନ୍ଦରର ବିକ୍ରମ ପରିଡା ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ ।

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନୀଳଗିରି,୨୧/୧୧ (ନି.ପ୍ର): ସୋମବାର ଦିନ ୧୧ଟା ସମୟରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ବାଲେଶ୍ୱରର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଧେ ଓ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରି ଡା. ଦୁଲାଲ ସେନ ଜଗଦେଓ, ନୀଳଗିରିର ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ, ବି.ଡି.ଓ. ରାହୁଲ ମଣ୍ଡଳ ଉପସ୍ଥିତ ଥିଲେ । ଏହି ଶିବିରରେ ମୋଟ ୧୨୧ଟି ଆପତି ଅଭିଯୋଗରର ଶୁଣାଣି କରାଯାଇଥିଲା । ଉକ୍ତ ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ୨ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସିନ୍ଧେ ହୁଇଲ ଚେୟାର ପ୍ରଦାନ କରିଥିଲେ ।

ନୂଆପଡ଼ା କପାଚାଷୀଙ୍କୁ ଅଣଦେଖା କାହିଁକି ?

ଉଦଳା,୨୧/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ବହୁ ଚାଷୀ କପା ଚାଷ କରୁଥିବାର ଦେଖିବାକୁ ମିଳୁଛି ବୋଲି ଜନଜାଗୃତି ମଂଚର ସଦସ୍ୟ ରୁପାଏ ବାସ୍କେ ଗଣ ମାଧ୍ୟମକୁ ଜଣାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ସେଠାକାର କପାଚାଷୀ ମାନେ ଧାନ ଅପେକ୍ଷା କପା ଚାଷରେ ଅଧିକ ଲାଭବାନ ହେଉଛନ୍ତି । ପୁଣି କେହି କେହି କପା ସହିତ ହରଡ଼ ମଧ୍ୟ ମିଶ୍ରିତ ଭାବେ ଚାଷ କରୁଛନ୍ତି । କିନ୍ତୁ ଦୁଃଖର ବିଷୟ ଏଠାକାର କପା ଚାଷୀ ମାନଙ୍କୁ କୌଣସି ସରକାରୀ ପ୍ରୋତ୍ସାହନ ମିଳୁନାହିଁ । ସରକାର କପା ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେଲେ ଚାଷୀଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ସହିତ ଆଉ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ିବ ନାହିଁବୋଲି ରୁପାଏ କହିଛନ୍ତି । ତୁମେ ଏହା କିପରି ଜାଣିଲ ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ରୁପାଏ କହିଲେ ମୁଁ ନିଜେ ନିକଟରେ ନୂଆପଡ଼ା ଯାଇ ସେଠାକାର ଚାଷୀ ମାନଙ୍କୁ ଭେଟି ଥିଲି ।

ବିଧାନସଭା ସମ୍ମୁଖରେ ଚତୁର୍ଥ ଦିବସରେ ବିଜେପିର ସତ୍ୟାଗ୍ରହ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କ୍ଷମତାରେ ଥିବା ଶାସକ ବିଜୁ ଜନତା ଦଳ ଓଡିଶାରେ ଅନ୍ନଦାତାଙ୍କୁ ପ୍ରତାରଣା ଓ ଅବହେଳା କରିଆସୁଛି । ଓଡିଶାରେ ୭୦% ଲୋକ ଚାଷ ଉପରେ ନିର୍ଭର କରୁଥିଲେ ବି ପ୍ରାକୃତିକ ଦୁର୍ବିପାକ, ବିହନ କିମ୍ବା ସାରର କୌଣସି ସହାୟତା କରନ୍ତି ନାହିଁ ମୁଖ୍ୟମନ୍ତ୍ରୀ ନବୀନ ବାବୁ। ୨୨ବର୍ଷ ଧରି ଚାଷୀମାନଙ୍କୁ ପୋଷ୍ୟ ପୁତ୍ରଭଳି ଆଚରଣ କରୁଛି ଶାସକ ଦଳ। କେନ୍ଦ୍ର ସରକାର ଓଡ଼ିଶାର ଚାଷୀଙ୍କ ଲାଗି ମାଳ ମାଳ ଯୋଜନା କରୁଥିଲେ ବି ଚାଷୀ ସେଥିରୁ ବଂଚିତ ରହୁଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ତାଙ୍କ ଜୀବନକାଳ ଓଡ଼ିଶାର ରାଜନୀତିରେ କଟାଇଥିଲେ ବି କୃଷି ଓ କୃଷକ କଲ୍ୟାଣ ପାଇଁ କୌଣସି ଦୀର୍ଘମିଆଦି ଯୋଜନାକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିନାହାନ୍ତି । ଚାଷ ଜମିକୁ ଜଳ, ଫସଲବୀମା, ଶୀତଳ ଭଣ୍ଡାର, ବ୍ୟବସ୍ଥିତ ଟୋକନ ଏବଂ ଧାନ ମଣ୍ଡି, କେନ୍ଦ୍ର ଦେଉଥିବା କ୍ୱିଟାଂଲ ପିଛା ଏମଏସପି ୨୦୪୦ଟଙ୍କା ଚାଷୀଙ୍କୁ ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିବା ୧୦୦ଟଙ୍କା ବୋନସକୁ ମଧ୍ୟ କାର୍ଯ୍ୟାନ୍ୱୟନ କରିନାହାନ୍ତି । ସେହିପରି କାଳିଆ ଯୋଜନାରେ ଘୋଷଣା କରିଥିବା ଚାଷୀଙ୍କୁ ୧୦ହଜାର ଟଙ୍କା ଦେବାର କୌଣସି ବ୍ୟବସ୍ଥା ମଧ୍ୟ କରିନାହାନ୍ତି । ନିର୍ବାଚନ ଓ କ୍ଷମତା ପଛରେ ଦୌଡି ଦୌଡି ଚାଷୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍ ପ୍ରଦାନରୁ ବଂଚିତ କରିବା କିପ୍ରକାର ନ୍ୟାୟ ବୋଲି ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କ୍ଷମତା ଆଳରେ ଚାଷୀଙ୍କ ପ୍ରତି ଅବିଚାର ନକରନ୍ତୁ। ଓଡ଼ିଶାର ଚାଷୀ କିଭଳି ଆଗାମୀ ଦିନରେ ସ୍ୱଚ୍ଛଳ ଓ ସ୍ୱାବଲମ୍ବୀ ହେବ ସେ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରନ୍ତୁ। ଯଦି ରାଜ୍ୟ ସରକାର ଚାଷୀଙ୍କ ଦାବି ପୂରଣ ନକରନ୍ତି ଭାରତୀୟ ଜନତା ପାର୍ଟି ଜିଲ୍ଲାସ୍ତରରେ ତୀବ୍ର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ଶ୍ରୀ ମିଶ୍ର।

ନୀଳଗିରିରୁ ୧୩ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନ ସୁଗାର ଜବତ ସହ ମହିଳା ଗିରଫ

ନୀଳଗିରି,୨୧/୧୧ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୨କି.ମି. ଦୂରରେ ଦିବାରାତ୍ର ବ୍ରାଉନ ସୁଗାର କାରବାର ଚାଲିଥିବା ବେଳେ ନୀଳଗିରି ଅବକାରୀ ବିଭାଗ କିପରି ଜାଣି ପାରୁ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୀଳଗିରରି ଥାନା ଅଧିନସ୍ଥ ଓଲଡଙ୍ଗ ଗ୍ରାମରେ ବ୍ରାଉନ ସୁଗାର କାରବାରର ପେଣ୍ଠସ୍ଥଳି ପାଲଟି ଥିବା ଗତବର୍ଷ ଉକ୍ତ ଗ୍ରାମର ନରେନ୍ଦ୍ର ସାମଲଙ୍କୁ ବାଲେଶ୍ୱର ଅବକାରୀ ବିଭାଗ ତାଙ୍କ ଠାରୁ ବ୍ରାଉନ ସୁଗାର ଜବତ କରି କୋର୍ଟ ଚାଲାଣ କରିଥିଲେ । ଆଜି ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ସଦର ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଓଲଡଙ୍ଗ ଗ୍ରାମର ପୂର୍ବରୁ ଗିରଫ ହୋଇଥିବା ନରେନ୍ଦ୍ର ସାମଲର ସ୍ତ୍ରୀ ଭଗବତୀ ସାମଲ (୪୨) ଙ୍କ ଠାରୁ ୧୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଭଗବତୀକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜିଲ୍ଲା ମୋବାଇଲ ସ୍କ୍ୱାର୍ଡର ଇନସ୍‌ପେକ୍ଟର ଗାଲୁରାମ ସରେନଙ୍କ ନେତୃତ୍ୱରେ ସବଇନିସପେକ୍ଟର ସୁରଜ କୁମାର ଟିକା, ସତ୍ୟସୁନ୍ଦର ମହାଳିକ, ଶିବଚରଣ ସ୍ୱାଇଁ, ନୃସିଂହ ରଥ, ଜଗନ୍ନାଥ ବେହେରା ସାମିଲ ଥିଲେ । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୩ଲକ୍ଷ ୫୦ହଜାର ଟଙ୍କାର ବୋଲି ଇନିସପେକ୍ଟର ଗାଲୁରାମ ସୋରେନ ପ୍ରକାଶ କରିଛନ୍ତି ।

ବାଲେଶ୍ୱର : ବିଶ୍ୱ ମତ୍ସ୍ୟଦିବସ-୨୦୨୨ରେ ଉପସ୍ଥିତ ଅତିଥିଗଣ ।

ପୁରୁଣା ଓଟି ରୋଡ ପ୍ରଶସ୍ତିକରଣ କାର୍ଯ୍ୟ କଚ୍ଛପ ଗତିରେ : ତହସିଲଦାରଙ୍କୁ ବିଜେପିର ଦାବିପତ୍ର

ଜଳେଶ୍ୱର, ୨୧/୧୧(ନି.ପ୍ର): ଜଳେଶ୍ୱର ସହରର ପୁରୁଣା ଓଟିରୋଡ ବାସନ୍ତିପଡିଆ ଠାରୁ ଅଗ୍ରଓ୍ୱାଲା ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ଫଳରେ ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ଜଳେଶ୍ୱର ବିଜେପି ପକ୍ଷରୁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଓଟିରୋଡ ବାସନ୍ତିପଡିଆ ଠାରୁ ଅଗ୍ରଓ୍ୱାଲା ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ଟିକିଆ ରାସ୍ତାରେ ପରିଣତ କରିବାଲାଗି ୨୦୧୮-୧୯ ମସିହାରେ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା । ୫୩୧.୫୮ ଲକ୍ଷ ଟଙ୍କା ବ୍ୟୟରେ ଏହାର ପ୍ରସସ୍ତିକରଣ ଲାଗି ଏକ ଚୁକ୍ତି ହୋଇଥିବା ବେଳେ ୨୦୧୯ରେ ଏହା ଶେଷ ହେବାର ଥିଲା । ମାତ୍ର ଅଦ୍ୟାବଧି ୫୦% କାର୍ଯ୍ୟ ଶେଷ ହୋଇନଥିବାରୁ ଲୋକମାନେ ଯିବା ଆସିବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବାଲାଗି ଏହି ରାସ୍ତା ବ୍ୟବହାର କରୁଥିବା ବେଳେ ବ୍ଲକ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଏସ୍‌ଡିପିଓ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ଉଦ୍ୟାନ କାର୍ଯ୍ୟାଳୟ, ପିଏଚ୍‌ଡି କାର୍ଯ୍ୟାଳୟକୁ ଯିବାଲାଗି ସାଧାରଣ ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି । ଏହି ରାସ୍ତାରେ ଧୂଳି ଉଡୁଥିବାରୁ ପାର୍ଶ୍ୱରେ ଥିବା ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାନଗଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସୂଚନା ଦିଆଯାଇଛି ।

ଲାୟନ୍ସ କ୍ଲବର ଜୋନାଲ ଏଡ଼ଭାଇଜରି ମିଟିଂ ଅନୁଷ୍ଠିତ

ବସ୍ତା, ୨୧/୧୧ (ନି.ପ୍ର): ଲାୟନ୍ସ କ୍ଲବର ଦ୍ୱିତୀୟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜୋନ ଏଗାର ର ଏଡ଼ଭାଇଜରୀ ମିଟିଂ ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ବାସନ୍ତୀ ପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଜୋନାଲ ଅଧକ୍ଷ ଲାୟନ ନବୀନ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଡ଼ଭାଇଜରୀ ମିଟିଂରେ ରିଜିଓନାଲ ଚେୟାର ପରସନ ଲାୟନ ମନୀଷା ଦାସ ଯୋଗଦେଇ ଲାୟନ୍ସ କ୍ଲବର ବିଭିନ୍ନ ବିଷୟରେ ଆଲୋଚନା କରି କିପରି ନୂତନ ଲାୟନ୍ସ କ୍ଲବର ଶକ୍ତିବୃଦ୍ଧି ହେବା ସହିତ ଜନସେବାରେ ନି